## ସଂକ୍ଷେପରେ

### ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ



ବଇଣ୍ଡା,୮।୩(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ସତସଙ୍ଗ କେନ୍ଦ୍ର ପରିସରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାତଃରୁ ଉଷା କୀର୍ତ୍ତନ ଏବଂ ମଧ୍ୟାହ୍ନରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମାମୁନୀ ସାହୁଙ୍କ ଅଧ୍ୟକ୍ଷତାରେ ମାତୃ ସମ୍ମିଳନୀରେ ନୀତିନିୟମ, ନାରୀ ନୀତିର ପ୍ରସଙ୍ଗ ଉପରେ ଚର୍ଚ୍ଚା କରାଯାଇଥିଲା। ସନ୍ଧ୍ୟାରେ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁମୁଦଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ରଣଜିତ ପଟ୍ଟନାୟକ ଯୋଗଦେଇ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାଗର ହାଲଦାର ଯୋଗ ଦେଇଥିଲେ। ଶ୍ରୀନିବାସ ବିଶ୍ୱାଳ, ସୂର୍ଯ୍ୟକାନ୍ତ ବିଶ୍ୱାଳ, କୈଳାସ ପାତ୍ର, ଶ୍ରୀଧର ବେହେରା, ପ୍ରମୋଦ ପ୍ରଧାନ, ଅରବିନ୍ଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ମାଳତୀ ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି



ଅନୁଗୋଳ ଅଫିସ,୮।୩- ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଅନୁଗୋଳସ୍ଥିତ ଏନ୍ଏଚ୍ଆଇ କଲୋନୀଠାରେ ସ୍ୱାଧୀନତା ସଂଗ୍ରାମୀ ମାଳତୀ ଦେବୀ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ ଯୋଗଦେଇ ମାଳତୀ ଦେବୀଙ୍କ ଜୀବନ ସଂଗ୍ରାମର ସ୍ମୃତିଚାରଣ କରିଥିଲେ। କେବଳ ଅନୁଗୋଳ ନୁହେଁ ମାଳତୀ ଦେବୀଙ୍କ ପାଇଁ ରାଜ୍ୟ ଓ ଦେଶ ଗର୍ବିତ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ କଲ୍ୟାଣ କିଶୋର ମହାନ୍ତି ଯୋଗ ଦେଇଥିଲେ। ପର୍ଶୁରାମ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମାଜିକ କର୍ମୀ ପ୍ରତାପ ମହାପାତ୍ର, ଆଦ୍ୟାଶ୍ଳୋକ ମିଶ୍ର, ନିରୋଧ ସାହୁ, ଦିବ୍ୟଜ୍ୟୋତି ନାୟକ, ଅସିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂର୍ଯ୍ୟ ନାରାୟଣ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

### ମହିଳାଙ୍କ ସମସ୍ୟା ଉପରେ ଆଲୋକପାତ




ଅନୁଗୋଳ ଅଫିସ୍, ୮।୩- ଅନୁଗୋଳର ନନ୍ଦିନୀ ଦେବୀ ପାଠାଗାର ଠାରେ ଜିଲା ମହିଳା କଂଗ୍ରେସ କମିଟି ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରଦେଶ ମହିଳା କଂଗ୍ରେସର ଉପସଭାନେତ୍ରୀ ସୁକାନ୍ତି ଦାଶ ଯୋଗଦେଇଥିଲେ। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଧୀର ମହିଳାମାନଙ୍କ ଉପରେ ହେଉଥିବା ଘରୋଇ ହିଂସା, ହତ୍ୟା, ବଳାତ୍କାର, ନିଶା ନିବାରଣ ଓ ରନ୍ଧନ ଗ୍ୟାସର ଦରବୃଦ୍ଧି ଉପରେ ଆଲୋକପାତ କରିଥିଲେ। ଏଥିସହ ମହିଳାମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଥିରେ ରାଜଶ୍ରୀ ମହାନ୍ତି, ମାଣିକ୍ୟ ପ୍ରଭା, ନୀଳକମଲ ସେଠୀ, ଲକ୍ଷ୍ମୀ ସାହାଣୀ, ଗୋଲାପୀ ରାଉତ, ଦେବ କୁମାରୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଢାବା, ହୋଟେଲରେ ଖଟୁଛନ୍ତି ମାଳ ମାଳ ଶିଶୁ ଶ୍ରମିକ

**ଅନୁଗୋଳ ଅଫିସ୍, ୮।୩**

- ଅନୁଗୋଳରେ ଶ୍ରମ ଆଇନର ଖୋଲା ଉଲ୍ଲଂଘନ
- ସ୍ୱଳ୍ପ ଦରମା ଦେଇ ମାଲିକ କରୁଛନ୍ତି ଶୋଷଣ
- ବିପଜ୍ଜନକ କାର୍ଯ୍ୟରେ ମଧ୍ୟ ଲଗାଯାଉଛି
- ପାଳନ ହେଉନି କାନ୍ଥରେ ଲେଖାଯାଇଥିବା ନିୟମ

ଶିଶୁମାନଙ୍କୁ ଶ୍ରମିକ ଭାବେ ନ ଖଟାଇବାକୁ ସରକାର ଆଇନ କରିଛନ୍ତି। ଏଥିପାଇଁ ଜରିମାନା ସହ ଜେଲ ଦଣ୍ଡର ବ୍ୟବସ୍ଥା ମଧ୍ୟ ରହିଛି। କିନ୍ତୁ ଅନୁଗୋଳ ଜିଲାରେ ଏହି ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିଲେ ବି ଜିଲା ଶ୍ରମ ବିଭାଗ ଆଖି ବୁଜି ବସିଥିବା ଅଭିଯୋଗ ହେଉଛି। ଜିଲାର ବିଭିନ୍ନ ସ୍ଥାନରେ ଥିବା କେତେକ ହୋଟେଲ ଓ ଢାବାରେ ଶିଶୁ ଶ୍ରମିକ (୧୪ରୁ ୧୮ ବର୍ଷ)ଙ୍କୁ କାମରେ ଲଗାଯାଉଥିବା ଦେଖାଯାଉଛି। ଏପରିକି ସେମାନଙ୍କ ମଧ୍ୟରୁ ଅନେକ ନିଆଁ ପାଖରେ ବିପଜ୍ଜନକ ଅବସ୍ଥାରେ କାମ କରୁଥିଲେ ବି ପ୍ରଶାସନ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ କେତେବେଳେ କେମିତି ଚଢ଼ାଉ କରି ନୀରବ ହୋଇଯାଉଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ ବିଭିନ୍ନ ହୋଟେଲ ଓ ଢାବାରେ ଶିଶୁ ଶ୍ରମିକ ନିୟୋଜିତ କରିବାକୁ ବାରଣ କରାଯାଇଛି। ଶିଶୁ ବା କିଶୋର ଶ୍ରମିକଙ୍କୁ ବିପଦ ସଙ୍କୁଳ କାର୍ଯ୍ୟରେ ଲଗାଯିବା ଦଣ୍ଡନୀୟ ଅପରାଧ ହୋଇଥିବାରୁ ଏପରି କାର୍ଯ୍ୟ କରୁଥିବା ମାଲିକମାନେ ୬ ମାସରୁ ୨ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ବା ୨୦ ହଜାରରୁ ୫୦ ହଜାର ଟଙ୍କା ଅର୍ଥ ଦଣ୍ଡ ନଚେତ୍ ଉଭୟ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଆଇନ କହୁଛି। ଏ ନେଇ ହୋଟେଲ ବା ଢାବା ସମ୍ମୁଖ କାନ୍ଥରେ ୧୪ ବର୍ଷରୁ କମ୍ ଶ୍ରମିକଙ୍କୁ ଏଠାରେ ନିୟୋଜିତ କରାଯାଉ ନ ଥିବା ମାଲିକମାନେ ଲେଖିବାକୁ ବାଧ। ଉକ୍ତ ଲେଖା ତଳେ ହୋଟେଲର ନାମ ଲେଖିବାର ନିୟମ ମଧ୍ୟ ରହିଛି। କିନ୍ତୁ ଅନୁଗୋଳ ଜିଲାର ବିଭିନ୍ନ ହୋଟେଲ ଓ ଢାବାରେ ଶିଶୁ ଶ୍ରମିକ ନିୟାଜିତ କରାଯାଉଥିଲେ ମଧ୍ୟ ସେପରି କିଛି କାନ୍ଥରେ ଲେଖାଯାଉଥିବା ଦେଖାଯାଉନାହିଁ। ମାଳ ମାଳ ଶିଶୁ ଶ୍ରମିକଙ୍କୁ ପ୍ଲେଟ ଧୋଇବା ପାଖରୁ ଆରମ୍ଭ କରି ଟେବୁଲ ସଫା କରିବା, ଲୋକଙ୍କୁ ଖାଦ୍ୟ ପରଷିଦେବା, ପିଇବାକୁ ପାଣି ଦେବା ଭଳି କାର୍ଯ୍ୟରେ ଲଗାଯାଉଛି। ଏହାଛଡ଼ା ସେମାନଙ୍କୁ ସ୍ୱଳ୍ପ ଦରମା ଦିଆଯାଇ ଅଧିକ କାମ ମଧ୍ୟ କରାଯାଉଛି। ବର୍ଷ ବର୍ଷ ଧରି ଏପରି ବେଆଇନ କାର୍ଯ୍ୟ ଖୋଲାଖୋଲି ଭାବେ ହେଉଥିଲେ ବି ଶ୍ରମ ବିଭାଗ ପକ୍ଷରୁ କୌଣସି ତଦାରଖ କରାଯାଉ ନାହିଁ। ଏ ନେଇ ଅନୁଗୋଳ ଜିଲା ଶ୍ରମ ଅଧିକାରୀ(ଡିଏଲ୍ଓ) ଶିବ ଶଙ୍କର ମିଶ୍ର କହିଛନ୍ତି, ବିଭିନ୍ନ ହୋଟେଲ ଓ ଢାବା ଉପରେ ନଜର ରଖାଯାଇଛି। ଶିଶୁଶ୍ରମିକ କାମ କରୁଥିଲେ ଖୁବ୍‌ଶୀଘ୍ର ସେଠାରେ ଚଢ଼ାଉ କରାଯିବ। ଏଥିସହ ଉକ୍ତ ହୋଟେଲ ଓ ଢାବା ମାଲିକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏଲ୍ଓ ମିଶ୍ର ପ୍ରକାଶ କରିଛନ୍ତି।



ଆଇନ ସମ୍ପର୍କରେ ଏକ ହୋଟେଲ କାନ୍ଥରେ ଉଲ୍ଲେଖ କରାଯାଇଛି।

# ଅଗ୍ରଣୀ ଭୂମିକା ଗ୍ରହଣ କରିଛି ନାରୀ



ଉପସ୍ଥିତ ଅତିଥିମାନେ।

**ଅନୁଗୋଳ ଅଫିସ୍, ୮।୩**

ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲା ଅଦାଲତ ପରିସରରେ ଥିବା ବାର କନ୍‌ଫରେନ୍ସ ହଲରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଓ ଦୌରାଜଜ୍ (ଭିଜିଲାନ୍ସ) ରୂପଶ୍ରୀ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ପ୍ରଭାକର ଗଣ୍ଡିଆ, ସୌମ୍ୟକ୍ ପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସି.ଏଚ୍. ବାସୁଦେବ ପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଶ୍ରୁତିସ୍ୱରୂପା ସାହୁ ଓ ସଞ୍ଜୀବ ପଣ୍ଡା, ଜିଲା ଆଇନସେବା ପ୍ରାଧିକରଣ ସଦସ୍ୟ ପରମାନନ୍ଦ ମିଶ୍ର, ଜିଲା ଆଇନସେବା ପ୍ରାଧିକରଣ ସମ୍ମୁଖ କାର୍ଯ୍ୟାଳୟର ରିଟେନର ବିପିନି ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ସୁସ୍ଥ ଓ ସୁନ୍ଦର ସମାଜ ଗଠନରେ ନାରୀଙ୍କ ଅବଦାନ ପୁରୁଷଙ୍କ ଠାରୁ କୌଣସି ଗୁଣରେ କମ୍ ନୁହେଁ। ପ୍ରଯୁକ୍ତି ଓ ଉଦ୍ଭାବନ କ୍ଷେତ୍ରରେ ନାରୀ ଆଜି ଅଗ୍ରଣୀ ଭୂମିକା ଗ୍ରହଣ କରିପାରିଛି। ଖେଳ ପଡ଼ିଆ ଠାରୁ ଆରମ୍ଭ କରି ମହାକାଶ ପର୍ଯ୍ୟନ୍ତ ମହିଳା ସବୁକ୍ଷେତ୍ରରେ ସଫଳ ହୋଇପାରିଛନ୍ତି। ଏଥିସହିତ ନାରୀଙ୍କ ସହିତ ଜଡ଼ିତ ଥିବା ବିଭିନ୍ନ ଆଇନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଜିଲା ଆଇନସେବା ପ୍ରାଧିକରଣ ସଚିବ ଅଭିନନ୍ଦିତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆବର୍ଜନାରେ ପୋତି ହେଲାଣି କେନାଲ


ନାଲ୍‌କୋ ନିକଟ କେନାଲରେ ଆବର୍ଜନା ଭର୍ତ୍ତି ହୋଇଛି।

**ବଣ୍ଟଅଁରପାଳ, ୮।୩ (ଡି.ଏନ୍.ଏ)**

ଅନୁଗୋଳ ଡେରଜାଙ୍ଗ ପ୍ରକଳ୍ପରୁ ନାଲ୍‌କୋ ଦେଇ ବଳରାମପ୍ରସାଦ ଅଞ୍ଚଳକୁ ଆସିଥିବା କେନାଲଟି ରକ୍ଷଣାବେକ୍ଷଣ ଅଭାବରୁ ଧୀରେ ଧୀରେ ପୋତି ହେବାକୁ ବସିଲାଣି। ସଚେତନତା ଅଭାବରୁ ଲୋକେ ସେଠାରେ ଅଳିଆ ଆବର୍ଜନା ପକାଉଥିବାରୁ ଏପରି ଅବସ୍ଥା ସୃଷ୍ଟି ହେଉଛି। ବିଶେଷ କରି ଭୋଜି ଭାତ ସାରି ଲୋକେ ଅଇଁଠା ଖଲି, ଗ୍ଲାସ, ପାଣି ବୋତଲ ଓ ପାଉଚ ଆଦି କେନାଲକୁ ଫିଙ୍ଗି ଦେଉଛନ୍ତି। ଫଳରେ କେନାଲ ଭର୍ତ୍ତି ହେବା ସହ ସ୍ଥାନୀୟ ଅଞ୍ଚଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ସେହିପରି ପୁନରୁଦ୍ଧାର କାର୍ଯ୍ୟ ଠିକ୍ ଭାବେ କରାଯାଉ ନ ଥିବା ବହୁ ଚାଷୀ ଅଭିଯୋଗ ଆଣିଛନ୍ତି। କେନାଲ ମଧ୍ୟରେ ଅନାମନା ଗଛ ଭର୍ତ୍ତି ହୋଇଥିଲେ ମଧ୍ୟ ଏହାକୁ ସଫେଇ କରାଯାଉ ନାହିଁ। ଫଳରେ ଚାଷ ଜମି ନିକଟରେ ପର୍ଯ୍ୟାପ୍ତ ପରିମାଣର ଜଳ ପହଞ୍ଚିପାରୁ ନାହିଁ। ବଳରାମପ୍ରସାଦ, ପାଟଣା, ଗିରାଙ୍ଗ, କେନ୍ଦୁଡ଼ିପ ସାହି, କାଣ୍ଡସର, ପିଙ୍ଗୁଆ, ଭୋଗବେରେଣୀ, ଖାମଣା ସମେତ ଆଖପାଖ ଅଞ୍ଚଳର ଚାଷୀମାନେ ଏହି କେନାଲ ଉପରେ ନିର୍ଭର କରୁଥିବାବେଳେ ତାହା ପୋତି ହେବାକୁ ବସିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ପ୍ରବଚନ, ମହାଯଜ୍ଞ ଉଦ୍‌ଯାପିତ

**ଛେଣ୍ଡିପଦା, ୮।୩(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଖମାର ଗ୍ରାମ ଚନ୍ଦନପଡିଆଠାରେ ୯ ଦିନ ବ୍ୟାପୀ ଚାଲିଥିବା ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ପୂର୍ଣ୍ଣାହୁତି ଅବସରରେ ଅଞ୍ଚଳର ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରତି ସନ୍ଧ୍ୟାରେ ପାରାୟଣ ପରେ ଭକ୍ତମାନଙ୍କ ମଧ୍ୟରେ ଧାର୍ମିକ କୁଇଜ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ପଣ୍ଡିତ ପ୍ରସନ୍ନ କୁମାର ଆଚାର୍ଯ୍ୟ, ପୀତବାସ ଆଚାର୍ଯ୍ୟ ଓ ଧରଣୀଧର ଆଚାର୍ଯ୍ୟ ସହଯୋଗ କରିଥିଲେ। ପାରାୟଣ କମିଟି ଉପଦେଷ୍ଟା ବାବୁଲି ଗଡନାୟକ, ସଭାପତି ମନୋଜ କୁମାର ଆଚାର୍ଯ୍ୟ, ଉପସଭାପତି ଶ୍ରବଣ କୁମାର ଗଡନାୟକ, ଖମାର ଗ୍ରାମ କମିଟିର ସଭାପତି କୁଳମଣି ଗଡନାୟକ, ସମ୍ପାଦକ ରଶ୍ମିରଞ୍ଜନ ମାଝି, ଗ୍ରାମ ସମ୍ପାଦକ ଘାସିରାମ ମାଝି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ଗାଡ଼ିମୋଟର ଯାଞ୍ଚ

**ବଇଣ୍ଡା,୮।୩(ଡି.ଏନ.ଏ.):** ୫୫ ନଂ. ଜାତୀୟ ରାଜପଥର ହଣ୍ଡପା ଥାନା ଜାମୁନାଳୀ ନିକଟରେ ରବିବାର ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ସମସ୍ତ ବାଇକକୁ ଅଟକାଇ ହେଲମେଟ ଯାଞ୍ଚ କରାଯାଇଥିଲା। ଏଥିରେ ୯ଟି ମାମଲା ରୁଜୁ କରାଯାଇ ୪୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ହଣ୍ଡପା ଥାନା ସେକେଣ୍ଡ ଅଫିସର ସରୋଜ କୁମାର ଦାସଙ୍କ ସମେତ ପୋଲିସ କର୍ମଚାରୀମାନେ ଏହି ଯାଞ୍ଚ କରିଥିଲେ।

# ଷ୍ଟାଡିୟମ୍‌ରେ ପ୍ରତିମୂର୍ତ୍ତି ସ୍ଥାପନ ଦାବି

**ଛେଣ୍ଡିପଦା,୮।୩(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଟେଣ୍ଟୁଲୋଇ ପଞ୍ଚାୟତ କୁକୁରପେଟା ଡ୍ୟାମ୍ ନିକଟରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ବାବୁଙ୍କ ୧୦୪ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଛି। ବିଜେଡି ବ୍ଲକ ସଭାପତି ଶ୍ରୀଧର ଗଡନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ସମେତ ବହୁ ବରିଷ୍ଠ କର୍ମୀ ଉପସ୍ଥିତ ରହି ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ପାତ୍ରପଡା ସରପଞ୍ଚ ଯୋଗେଶ୍ୱର ସାହୁ ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ଦେବାକୁ ଦାବି କରିଥିଲେ। ଏହାଛଡ଼ା ଛେଣ୍ଡିପଦା ଷ୍ଟାଡିୟମଠାରେ ବିଜୁବାବୁଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା। ଅନୁଗୋଳ ଜିଲାପରିଷଦ ସଭାପତି ବାସନ୍ତୀ କିସାନ, ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଉପାଧ୍ୟକ୍ଷା ସୁଷମା ରାଉଳ, ଜିଲା ପରିଷଦ ସଭ୍ୟ ଭାସ୍କର ପ୍ରଧାନ, ସଭ୍ୟା ଗୌରୀ ପ୍ରଧାନ, ଅନୁଗୋଳ ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ, ବରିଷ୍ଠ କର୍ମୀ ଅପିନ୍ଦ୍ର ବେହେରା, ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ ସାହୁ, ବ୍ଲକ ପ୍ରତିନିଧି ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ କର୍ମୀ ଏଥିରେ ଯୋଗ ଦେଇଥିଲେ।


ଜୟନ୍ତୀ ପାଳନ ସଭାରେ ବିଧାୟକଙ୍କ ସହ ଅନ୍ୟ କର୍ମକର୍ତ୍ତା ଓ କର୍ମୀମାନେ।

# ଶିଶୁ ମନ୍ଦିରରେ ରଙ୍ଗ ଉତ୍ସବ

**ବଇଣ୍ଡା,୮।୩(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଶିଶୁ ମନ୍ଦିରରେ ରଙ୍ଗ ଉତ୍ସବ ପାଳିତ ହୋଇଛି। ପ୍ରଧାନଆଚାର୍ଯ୍ୟ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ବିଦ୍ୟାଳୟ ସଭାପତି ସୁରେଶ ଚନ୍ଦ୍ର ସାହୁ, ଉପସଭାପତି ହେମନ୍ତ ଖୁଣ୍ଟିଆ, ସମ୍ପାଦକ ପ୍ରାଣବନ୍ଧୁ ସାହୁ, ହରିଶଲୋସନ ସାହୁ ଯୋଗଦେଇ ହୋଲି ଉତ୍ସବ ସମ୍ପର୍କରେ ବର୍ଣ୍ଣନା କରିବାସହ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ଏପରିକି ରସାୟନିକ ରଙ୍ଗ ନ ଖେଳି ଫଗୁ ଖେଳିବା ପାଇଁ ଅତିଥିବୃନ୍ଦ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରମାନେ ଫଗୁ ଲଗାଇ ଉତ୍ସବ ପାଳନ କରିଥିଲେ। ଜିତେନ୍ଦ୍ର ସାହୁ, ଅମରେନ୍ଦ୍ର ପ୍ରଧାନ, ଗଜାନନ ସାହୁ, ଲିଟିଲ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।


ଛାତ୍ରୀମାନେ ରଙ୍ଗ ଉତ୍ସବ ପାଳନ କରୁଛନ୍ତି।

# କମ୍ ଉଚ୍ଚତାରେ ବିଦ୍ୟୁତ୍ ତାର

**କଣିହାଁ,୮।୩(ଡି.ଏନ.ଏ.)**

ନିର୍ଦ୍ଧାରିତ ଉଚ୍ଚତା ୨୦ ଫୁଟରୁ ତଳକୁ ଓହଳିଥିବା ବିଦ୍ୟୁତ୍ ତାର ଯୋଗୁ ଦୁର୍ଘଟଣା ଘଟି ରାଜ୍ୟର ବିଭିନ୍ନ ସ୍ଥାନରେ ଧନଜୀବନ ହାନି ହେଉଥିବା ବାରମ୍ବାର ଦେଖାଯାଉଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସେପରି କୌଣସି ତତ୍ପରତା ପ୍ରକାଶ ପାଉଥିବା ଦେଖାଯାଉ ନାହିଁ। ଏହାର ଏକ ଉଦାହରଣ ହେଲା ଅନୁଗୋଳ ଜିଲା କଣିହାଁ ବଜାର। ଏହି ବଜାର ଦେଇ ଯାଇଥିବା ୫୩ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବିଦ୍ୟୁତ୍ ତାର ନିର୍ଦ୍ଧାରିତ ଉଚ୍ଚତାଠାରୁ ତଳକୁ ଓହଳି ରହିଛି। ଫଳରେ ରାଜପଥରେ ଚଳାଚଳ କରୁଥିବା ବଡ଼ ବଡ଼ ଟ୍ରକ୍, ବସ୍ ସହ ବ୍ଲକ, ତହସିଲ, ଥାନା, ସ୍କୁଲ ଆଦିକୁ ଯାଉଥିବା ଜନସାଧାରଣଙ୍କ ପ୍ରତି ବିପଦ ଆଶଙ୍କା ବୃଦ୍ଧି ପାଉଛି। ଏହାଛଡ଼ା ଦୀର୍ଘଦିନ ହେଲା ସମ୍ପ୍ରସାରଣ ହେଉ ନ ଥିବାରୁ ରାସ୍ତା ଅଣଓସାରିଆ ହୋଇପଡ଼ିଥିବା ବେଳେ ପାର୍ଶ୍ୱରେ ଥିବା ମୂଲ୍ୟବାନ ଗଛଗୁଡ଼ିକୁ ମଧ୍ୟ କାଟି ନିଆଯାଇଛି। ହେଲେ ପୁରୁଣା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକୁ ଏଯାଏ ହଟାଯାଇ ନାହିଁ କି ଓହଳି ପଡ଼ିଥିବା ତାରକୁ ମଧ୍ୟ ଉପରକୁ ଉଠାଯାଉ ନାହିଁ। ବିଶେଷକରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ବରଛକ ପର୍ଯ୍ୟନ୍ତ ଅଧିକ ବିପଦ ଆଶଙ୍କା କରାଯାଉଛି। ତୁରନ୍ତ ବିଦ୍ୟୁତ୍ ତାରକୁ ନିର୍ଦ୍ଧାରିତ ଉଚ୍ଚତାରେ ରଖାଯିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ସେସୁର ଜଣେ କର୍ମଚାରୀ କହିଛନ୍ତି, ୧୧ କେଭି ଦାୟିତ୍ୱ ଆମକୁ ଦିଆଯାଇଛି। ବଜାର ଉପରେ ଏଲ୍‌ଟି ତାର ଓହଳି ପଡ଼ିଛି। ତାହା ସଜାଡ଼ିବା ଦାୟିତ୍ୱ ଏନ୍‌ଜେନର ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏନ୍‌ଜେନ୍ କଣିହାଁ ସେକ୍ସନର ଅଜୟ ପାଣିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ମତାମତ ମିଳିପାରି ନାହିଁ।

**ସେସୁ କହିଲା ଏନ୍‌ଜେନ୍ ଦାୟିତ୍ୱ**


ବଜାର ଦେଇ ଯାଇଥିବା ରାଜପଥ ପାର୍ଶ୍ୱରେ କମ୍ ଉଚ୍ଚତାରେ ରହିଥିବା ବିଦ୍ୟୁତ୍ ତାର।

# ଦୁର୍ଭାଗ୍ୟ ପାଲଟିଛି ସୌଭାଗ୍ୟ ଯୋଜନା

**ବଇଣ୍ଡା,୮।୩(ଡି.ଏନ.ଏ.)**

- ଠିଆ ହୋଇଛି ଖୁଣ୍ଟ, ଟଣାଯାଉନି ତାର
- ଠାକୁରଗଡ଼ ପଞ୍ଚାୟତରେ ବହୁ ବ୍ୟତିକ୍ରମ
- ସେସୁ-ଏନ୍‌ଜେନ୍ ଦାୟିତ୍ୱ ଠେଲାଠେଲି

ଗରିବ ବା ବିଦ୍ୟୁତ୍‌ରୁ ବଞ୍ଚିତ ରହିଥିବା ଗ୍ରାମାଞ୍ଚଳବାସୀଙ୍କୁ ମାଗଣା ବିଦ୍ୟୁତ୍ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ସରକାର ସୌଭାଗ୍ୟ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପଞ୍ଚାୟତରେ ଏହି ସୌଭାଗ୍ୟ ଯୋଜନା ଅନେକଙ୍କ ପାଇଁ ଦୁର୍ଭାଗ୍ୟ ପାଲଟିଥିବା ଅଭିଯୋଗ ହେଉଛି। କାରଣ ପଞ୍ଚାୟତର କେତେଜଣଙ୍କ ଘର ୱାୟାରିଂ ସରିଥିଲେ ମଧ୍ୟ ସଂଯୋଗ ଦିଆଯାଉ ନାହିଁ। ସେହିପରି ଆଉ କେତେଜଣଙ୍କ ଘର ସମ୍ମୁଖରେ ଖୁଣ୍ଟ ପୋତା ଯାଇଥିଲେ ବି ତାର ଟଣାଯାଉ ନାହିଁ। ଏ ନେଇ ଠାକୁରଗଡ଼ ଗ୍ରାମବାସୀ ଗତ ଫେବୃୟାରୀ ୧୫ ତାରିଖରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ସେସୁ ଓ ଏନ୍‌ଜେନ୍ ମଧ୍ୟରେ ଦାୟିତ୍ୱ ଠେଲାଠେଲି ଚାଲିଥିବାରୁ ଏଯାଏ ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଅଭିଯୋଗରୁ ପ୍ରକାଶ ଯେ, ଠାକୁରଗଡ଼ ଗ୍ରାମର ସୁଧାଂଶୁ ଭୂଷଣ ନାୟକଙ୍କ ଘରକୁ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସେବା ଯୋଗାଯାଇଛି। ହେଲେ ତାଙ୍କ ଘର ସମ୍ମୁଖରେ ଏକ ସିମେଣ୍ଟ ଖୁଣ୍ଟ ପୋତାଯାଇଥିଲେ ବି ସେଥିରୁ ସଂଯୋଗ ଦିଆ ନ ଯାଇ ଦୂରରେ ଥିବା ଏକ ଖୁଣ୍ଟରୁ ବାଉଁଶ ସହାୟତାରେ ତାର ଟଣାଯାଇଥିବାରୁ ଏହା ବିପଦ ସୃଷ୍ଟି କରୁଛି। ସେହିପରି ଗ୍ରାମର ମହେନ୍ଦ୍ର ସାହୁଙ୍କ ଘରେ ମିଟର ସହ ବୋର୍ଡ ଲଗାଯାଇଛି। ହେଲେ ଖୁଣ୍ଟ ପୋତାଯାଇ ସେବା ଯୋଗାଇ ଦିଆଯାଉ ନାହିଁ। କେବଳ ଏହି ଦୁଇଟି ଉଦାହରଣ ନୁହେଁ ପଞ୍ଚାୟତର ବହୁ ଲୋକେ ଏପରି ସରକାରୀ ଅବହେଳାର ଶିକାର ହେଉଛନ୍ତି। ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଠିକ୍ ଭାବେ ସେବା ଯୋଗାଇ ଦେଉ ନ ଥିବାରୁ ପଞ୍ଚାୟତବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବଇଣ୍ଡା ସେସୁ କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ମାଝି କହିଛନ୍ତି, ଏହା ଏଲ୍‌ଟି ଲାଇନ ହୋଇଥିବାରୁ ଏନ୍‌ଜେନ୍ ସମସ୍ୟା ବିଷୟରେ କହିପାରିବ। ଏନ୍‌ଜେନ କନିଷ୍ଠ ଯନ୍ତ୍ରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି, ସୌଭାଗ୍ୟ ଯୋଜନା ସେସୁ ଅଧୀନରେ କାର୍ଯ୍ୟକାରୀ ହେଉଛି। ତେଣୁ ସେସୁ କନିଷ୍ଠ ଯନ୍ତ୍ରୀ କହିପାରିବେ ବୋଲି ପ୍ରକାଶ କରିଛନ୍ତି।


ସୁଧାଂଶୁ ଭୂଷଣ ନାୟକଙ୍କ ଘର ସମ୍ମୁଖ ଖୁଣ୍ଟରେ ତାର ଟଣାଯାଇନାହିଁ।

**ସଂକ୍ଷେପରେ**

## ବାସନ୍ତୀ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ



ଅନୁଗୋଳ ଅଫିସ୍, ୮।୩- ଅନୁଗୋଳ ଅମଲାପଡାରେ ହେବାକୁ ଥିବା ମା' ବାସନ୍ତୀ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ ହୋଇଛି। ଆସନ୍ତା ମାର୍ଚ୍ଚ ୩୦ରୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହେବ। ଏହି ଅବସରରେ ଦୁର୍ଗାପୂଜା କମିଟି ପକ୍ଷରୁ ସ୍ଥାନୀୟ ଉତ୍ତରପଡା ସ୍କୁଲ ନିକଟରୁ ମାଟି ଅଣାଯାଇ ପୂଜା ମଣ୍ଡପରେ ରଖାଯାଇଥିଲା। ପୁରୀରୁ ଆସିଥିବା ପଣ୍ଡିତ ମାମା ନନା ପୂଜାର୍ଚ୍ଚନା କରିଥିଲେ। ବନବିହାରୀ ପଟ୍ଟନାୟକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏଥିରେ କମିଟି ସଭାପତି ଶକ୍ତିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଅନୁପ ମହାନ୍ତି, ପ୍ରଦୀପ ଦେବତା, ଟୁଟୁ ପ୍ରଧାନ, ରଜି ପ୍ରଧାନ, ଯତିନ ସେଠୀ, ପ୍ରତାପ ମାଝୀ, ବିଜୁ ରାଉତ, ମନୁ ପ୍ରଧାନ, ସୁଜି ବେହେରା, ବାପୁ ଭଞ୍ଜ, ମୁନା ସିହ୍ନା, ସିପୁ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଭାଲୁ ଆକ୍ରମଣରେ ୱାଚର ଗୁରୁତର

ଅନୁଗୋଳ ଅଫିସ୍, ୮।୩- ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ଥାନା ଅନ୍ତର୍ଗତ ଜୟମଲ ଗ୍ରାମର ଉଦ୍ଧବ ସେଠୀ(୩୩) ରବିବାର ପୂର୍ବାହ୍ନରେ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଉଦ୍ଧବ ବନ ବିଭାଗର ୱାଚର ଭାବେ କାର୍ଯ୍ୟ କରନ୍ତି। ସେ ରବିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଗାଁ ପାଖ ଜଙ୍ଗଲକୁ ଯାଇଥିବାବେଳେ ବୁଦା ଆଢୁଆଳରେ ଥିବା ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଉଦ୍ଧବଙ୍କ ପାଟି ଶୁଣି ପାଖରେ ଥିବା କେତେଜଣ ଗାଈ ଚରାଳି ତାଙ୍କୁ ଉଦ୍ଧାର କରି ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ମୁହଁରେ ଗଭୀର କ୍ଷତ ହୋଇଥିବା ଜଣାପଡିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଯାଆଁଳ ଉତ୍ପାଦନ କେନ୍ଦ୍ର ହେଲାଣି ଜଙ୍ଗଲ

ଆଠମଲ୍ଲିକ, ୮।୩(ଡି.ଏନ.ଏ.)

■୧୦ ବର୍ଷ ହେଲା ବନ୍ଦ ପଡିଛି
■ଆଡ୍ଡା ଜମାଉଛନ୍ତି ଅସାମାଜିକ
■ବାହାରୁ ଯାଆଁଳ ଆଣୁଛନ୍ତି ଚାଷୀ

ସରକାରୀ ଉଦାସୀନତା ତଥା ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ଚରମ ଅବହେଳା ଯୋଗୁ ଅନୁଗୋଳ ଜିଲା ଆଠମଲ୍ଲିକ ସଦର ମହକୁମାରେ ଥିବା ମାଛ ଯାଆଁଳ କେନ୍ଦ୍ର ଏବେ ଏକପ୍ରକାର ଜଙ୍ଗଲିଆ ପରିବେଶରେ ପରିପୂର୍ଣ୍ଣ ହୋଇଗଲାଣି। ଏଠାରେ ଥିବା ପୋଖରୀଗୁଡିକ ଅନାବନା ଗଛରେ ଭର୍ତ୍ତି ହୋଇ ରହିଥିଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣ କଥା ବିଭାଗ ସମ୍ପୂର୍ଣ୍ଣ ଭୁଲି ଯାଇଥିବା ଅଭିଯୋଗ ହେଉଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ୮ଶହରୁ ଊର୍ଦ୍ଧ୍ୱ ମତ୍ସ୍ୟ ଚାଷୀ ଏଠାରୁ ଯାଆଁଳ ନ ପାଇ ହଇରାଣ ହେଉଛନ୍ତି।

ଅଭିଯୋଗ ଅନୁଯାୟୀ, ଦୀର୍ଘ ଦଶ ବର୍ଷରୁ ଊର୍ଦ୍ଧ୍ୱ ହେବ ଆଠମଲ୍ଲିକ ଯାଆଁଳ ଉତ୍ପାଦନ କେନ୍ଦ୍ର ବନ୍ଦ ରହିଛି। ଆଠମଲ୍ଲିକ ସହରର ମଧ୍ୟ ସ୍ଥଳରେ ସାଢେ ୪ ଏକର ଜମିରେ ଏହି କେନ୍ଦ୍ର ଥିବାବେଳେ ଏଠାରେ ୧୦ରୁ ଅଧିକ ପୋଖରୀ ରହିଛି। ଏହି ଉତ୍ପାଦନ କେନ୍ଦ୍ର ଉପରେ ଆଠମଲ୍ଲିକ ଓ କିଶୋରନଗର ବ୍ଲକର ୮ ଶହରୁ ଊର୍ଦ୍ଧ୍ୱ ମାଛ ଚାଷୀ ନିର୍ଭର କରନ୍ତି। ହେଲେ ଏହା ବନ୍ଦ ହୋଇଯାଇଥିବାରୁ ଚାଷୀମାନେ ବୌଦ୍ଧ, ଅନୁଗୋଳରେ ଥିବା ବେସରକାରୀ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ଯାଆଁଳ ଆଣି ଚାଷ କରୁଛନ୍ତି। ଏପରିକି ସମ୍ବଲପୁର ଜିଲାର ଚିପିଲିମା ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ମଧ୍ୟ ଚାଷୀ ଯାଆଁଳ ଆଣି ଅଧିକ ଖର୍ଚ୍ଚାନ୍ତ ହେଉଥିଲେ ହେଁ ଆଠମଲ୍ଲିକ କେନ୍ଦ୍ରକୁ ପୁନଃ କାର୍ଯ୍ୟକ୍ଷମ କରାଯାଉ ନାହିଁ। ଏ ନେଇ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଚାଷୀଙ୍କ ସମସ୍ୟା ଦୂର କରାଯିବାକୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ସେହିପରି ଏଠାରେ କାର୍ଯ୍ୟାଳୟ ଥିଲେ ମଧ୍ୟ କୌଣସି କର୍ମଚାରୀ ରହୁ ନ ଥିବାରୁ ତାହା ଅସାମାଜିକଙ୍କ ଆଡ୍ଡାସ୍ଥଳୀରେ ପରିଣତ ହେଲାଣି। ତୁରନ୍ତ ଯାଆଁଳ ଉତ୍ପାଦନ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ପାଇଁ ଚାଷୀ ମହଲରେ ଦାବି ହୋଇଛି।



ଅନାବନା ଘାସରେ ପରିପୂର୍ଣ୍ଣ ଯାଆଁଳ ଚାଷ ପୋଖରୀ।

ଏ ସମ୍ପର୍କରେ ସ୍ଥାନୀୟ ସହକାରୀ ମତ୍ସ୍ୟ ଅଧିକାରୀ ସୁରେନ୍ଦ୍ର ବେହେରା କହିଛନ୍ତି, ୨୦୧୯ରେ ଉକ୍ତ କେନ୍ଦ୍ରକୁ ଠିକା ଦେବା ପାଇଁ ନିଲାମ ଡକା ଯାଇଥିଲା। ମାତ୍ର ଏଥିପାଇଁ କୌଣସି ସଂସ୍ଥା ଆଗ୍ରହ ପ୍ରକାଶ କରି ନ ଥିଲେ। ଏହାଛଡା ବିଭାଗ ତରଫରୁ ଆର୍ଥିକ ବ୍ୟବସ୍ଥା କରାଯାଉ ନ ଥିବାରୁ କେନ୍ଦ୍ରଟି ଏପରି ଅବହେଳିତ ଅବସ୍ଥାରେ ପଡ଼ିରହିଛି। ବିଭାଗ ଅର୍ଥ ଯୋଗାଇଲେ ପୁନରୁଦ୍ଧାର କରାଯିବା ସହିତ ମତ୍ସ୍ୟ ଚାଷୀଙ୍କ ସମସ୍ୟାର ସମାଧାନ ହୋଇପାରନ୍ତା। ଏହି କେନ୍ଦ୍ରରେ ଆବଶ୍ୟକ କର୍ମଚାରୀ ମଧ୍ୟ ନାହାନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

# 'ପ୍ରତିକ୍ଷେତ୍ରରେ ମହିଳାଙ୍କ ଉତ୍କର୍ଷ ଜାରି ରହିଛି'




ଏମ୍‌ସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ ଅଫିସ୍, ୮।୩

ଅନୁଗୋଳ ଜିଲା କଳାକେନ୍ଦ୍ରଠାରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏମ୍‌ସ ସଙ୍ଗଠନର ପ୍ରତିଷ୍ଠାତା ଅଂଶୁମାନ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ପ୍ରତି ସମାଜରେ ନାରୀ ଘରର ଚାରି କାନ୍ଥମଧ୍ୟରେ ଆବଦ୍ଧ ନ ରହି ପ୍ରତି କ୍ଷେତ୍ରରେ ନିଜର ଉତ୍କର୍ଷତା ଜାରି ରଖିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ପ୍ରଧାନ ବେଟି ପଢ଼ାଓ, ବେଟି ବଚାଓ ଓ ଉଜ୍ଜ୍ୱଳା ଗ୍ୟାସ୍ ଯୋଜନାରେ ମହିଳାମାନଙ୍କୁ କିପରି ସୁବିଧା ଯୋଗାଯାଉଛି ତାହା ବର୍ଣ୍ଣନା କରିଥିଲେ। ଜିଲା ଭାଜପା ମହିଳା ମୋର୍ଚ୍ଚା ଅଧକ୍ଷା ବସନ୍ତମଞ୍ଜରୀ ପ୍ରଧାନ ମହିଳା ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ମାଳିନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନମିତା ଦଳବେହେରା, ସୁଜାତା ଦାସ, ସୁଷମା ବେହେରା, ପ୍ରଶାନ୍ତ ବିଶ୍ୱାଳ, ନୀଳକଣ୍ଠ ନାୟକ, ଦୀପକ ପାଣି ଓ ଅସିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ସ୍ମୃତିଶ୍ରୀଙ୍କୁ ପ୍ରାଇଡ୍ ଅଫ୍ ଅନୁଗୋଳ ସମ୍ମାନ




ଜେସିଆଇ ସଦସ୍ୟମାନଙ୍କ ସହ ସ୍ମୃତିଶ୍ରୀ ସିଂହ।

ଅନୁଗୋଳ ଅଫିସ,୮।୩

ରିୟଲିଟି କୁକ୍ ଶୋ 'ମାଷ୍ଟର ସେଫ୍ ସିଜନ-୬'ରେ ରନର୍ସ ଅପ୍ ହୋଇଥିବା ଅନୁଗୋଳର ସ୍ମୃତିଶ୍ରୀ ସିଂହଙ୍କ ସହ ରବିବାର ଅନୁଗୋଳ ସହର ଉପକଣ୍ଠ ଏକ ହୋଟେଲ ଠାରେ ମହିଳା ଦିବସ ପାଳିଛନ୍ତି ଜୁନିୟର ଚାମ୍ବର୍ସ ଇଣ୍ଟରନ୍ୟାଶନାଲ ଅନୁଗୋଳ (ଜେସିଆଇ) ଶାଖାର ସଦସ୍ୟ। ଏହି ଅବସରରେ ସଦସ୍ୟମାନେ କହିଥିଲେ ଯେ, ନାରୀ କୌଣସି ଗୁଣରେ କମ୍ ନୁହେଁ। ଏହା ପ୍ରମାଣିତ କରିଛନ୍ତି ସ୍ମୃତିଶ୍ରୀ। ଏହି ପରିପ୍ରେକ୍ଷୀରେ ସ୍ମୃତିଶ୍ରୀଙ୍କୁ 'ପ୍ରାଇଡ ଅଫ ଅନୁଗୋଳ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ନିଜେ ସ୍ମୃତିଶ୍ରୀ ଏକ ନୂଆ ଆଇଟମ ବନାଇବା ସହ ଜେସିଆଇ ସଦସ୍ୟମାନଙ୍କୁ ମଧ୍ୟ ତାହା ଶିଖାଇଥିଲେ। ବବିତା ଅଗ୍ରୱାଲ, ରୀନା ଅଗ୍ରୱାଲ ଓ ଜେସିଆଇ ସଭାପତି ଅମନ ଶୁକ୍ଳା, ସମ୍ପାଦକ ନିତିନ ଗର୍ଗ ସହଯୋଗ କରିଥିବା ବେଳେ ଜେସିଆଇର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ୬ ଡକାୟତ ଗିରଫ, ଜଣେ ଫେରାର

ଛେଣ୍ଡିପଦା, ୮।୩(ସ୍ୱ.ପ୍ର.)

■ଡକାୟତି ଯୋଜନା ପଣ୍ଡ
■ମାରଣାସ୍ତ୍ର, ବନ୍ଧୁକ, ବାଇକ୍ ଜବତ
■ପୂର୍ବରୁ ଅଭିଯୁକ୍ତଙ୍କ ନାମରେ ରହିଛି ମାମଲା

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କମ୍ପସଲା ଜଙ୍ଗଲ ନିକଟରେ ଶନିବାର ରାତିରେ ଏକ ଗ୍ୟାଙ୍ଗର ଡକାୟତି ଯୋଜନା ପଣ୍ଡ ହୋଇଛି। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୋଲିସ ସେଠାରେ ଚଢ଼ାଉ କରିବା ସହ ୬ ଜଣଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କ ନିକଟରୁ ଖଣ୍ଡା, ଭୁଜାଲି, ଦେଶୀ ବନ୍ଧୁକ ଆଦି ମାରଣାସ୍ତ୍ର, ୮ଟି ମୋବାଇଲ ଓ ଗୋଟିଏ ବାଇକ୍ (ନଂ.ଓଡି ୧୯ଡି ୩୨୫୦) ଜବତ କରାଯାଇଛି। ଅନ୍ୟ ଜଣେ ଅଭିଯୁକ୍ତ ବୋଲେରୋ ସହ ସେଠାରୁ ଫେରାର ହୋଇଯାଇଥିବା ପୋଲିସ କହିଛି।

ରବିବାର ଅପରାହ୍ନରେ ପୋଲିସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଦିଆଯାଇଥିବା ସୂଚନା ମୁତାବକ, ରାତି ପ୍ରାୟ ୧ଟାବେଳେ ଏହି ଡକାୟତି ଦଳର ୭ ଜଣ ଛେଣ୍ଡିପଦାରୁ କମ୍ପସଲା ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା କମ୍ପସଲା ଜଙ୍ଗଲ ନିକଟରେ କମ୍ପସଲା ଓ ବ୍ରାହ୍ମଣବିଲ ଅଞ୍ଚଳରେ ଡକାୟତି ପାଇଁ ଯୋଜନା କରୁଥିବା ଖବରପାଇ ପୋଲିସ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ ସମ୍ବଲପୁର ଜିଲା ଅଇଁଠାପାଲି ଥାନା ବୁଢାରାଜା ଡେଲି ମାର୍କେଟ ଅଞ୍ଚଳର ସୁନୀଲ ଓରଫ ମିଡିଆ ବେହେରା, ନରସିଂହପୁର ଥାନା ଦେଓଭୂଇଁ ଗାଁର ନାଲି ଓରଫ ପ୍ରଶାନ୍ତ ନାଏକ, ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ହିନ୍ଦୋଳ ଟାଉନ ଅଞ୍ଚଳର ଲିପୁ ନାଏକ, ଛେଣ୍ଡିପଦା ଥାନା କସିଡିହ ଗ୍ରାମର ସନ୍ତୋଷ ସାହୁ, ଏନ୍‌ଟିପିସି ଥାନା ବିଜିଗୋଳ ନୂଆପାଟଣା ଗାଁର ଗଜରାଜ ନାଏକ ଏବଂ ଗୋପୀନାଥପୁର ଗ୍ରାମର ପ୍ରଶାନ୍ତ ନାଏକଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ କିଛି ଦିନ ତଳେ ଛେଣ୍ଡିପଦା ଥାନା କମ୍ପସଲା ଗ୍ରାମର ଜଣେ ବ୍ୟକ୍ତିଙ୍କଠାରୁ ଏକ ମୋବାଇଲ ଓ ୧୩୦୦ ଟଙ୍କା ମାରଣାସ୍ତ୍ର ଦେଖାଇ ଲୁଟି ନେଇଥିବା ନେଇ ଛେଣ୍ଡିପଦା ଥାନାରେ ମାମଲା ରୁଜୁ ହୋଇଛି। ଏହି ଡକାୟତ ଗ୍ୟାଙ୍ଗ ରେଢାଖୋଲ, ଜୁଜୁମରା, ଚାରମାଳ, କିଆକଟା, ଅନୁଗୋଳ ଆଦି ଅଞ୍ଚଳରେ ବିଭିନ୍ନ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ କହିଛି। ଏ ନେଇ ନଂ. ୮୩/୨୦ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଚଢ଼ାଉ ଜାରି ରହିଛି। ଆବଶ୍ୟକ ପଡିଲେ ଗିରଫମାନଙ୍କୁ ରିମାଣ୍ଡରେ ଅଣାଯାଇ ଘଟଣାର ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।



ଗିରଫ ଡକାୟତମାନଙ୍କୁ ପୋଲିସ ହାଜର କରାଇଛି।

# କୃଷକ ସମାଜ ଏକାଠି ହେବାକୁ ଆହ୍ୱାନ

କଣିହାଁ,୮।୩(ଡି.ଏନ.ଏ.)

କଣିହାଁ ବ୍ଲକ ବଡ଼ହୀରା ଗ୍ରାମରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଗାଁ କୃଷକ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ଏକାଠି ହୋଇ ସମାଜର ଉନ୍ନତି ଦିଗରେ ଆଲୋଚନା କରିଥିଲେ। ଏଥିସହ ଗ୍ରାମର ମହିଳାପୁରୁଷ ଏକାଠି ହୋଇ ବିବାହ ବ୍ରତ ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ପରସ୍ପର ମଧ୍ୟରେ ସହଯୋଗ ରଖି କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଥିଲା। ପରେ ଗଣଭୋଜିର ଆୟୋଜନ କରାଯାଇଥିଲା। ବିଶ୍ୱନାଥ ସାହୁ, କାଳିଆ ସାହୁ, ଗ୍ରାମ ସଭାପତି ସୁଧାଂଶ ସାହୁ, ମିଟୁ ସାହୁ, ତାପସ ବାଘ ପ୍ରମୁଖ ସହଯୋଗ କରିଥିଲେ।



# ଲାଲ ବାହାଦୂର କ୍ରିକେଟ : ନାଲ୍‌କୋ ବ୍ଲାକ କ୍ୟାଟ ବିଜୟୀ

**ବଣ୍ଡରପାଳ, ୮।୩(ଡି.ଏନ.ଏ.):** ବଣ୍ଡରପାଳ ବ୍ଲକ ବଳରାମପ୍ରସାଦ ସିଂହବାହିନୀ କ୍ଲବ ପକ୍ଷରୁ ଲାଲ ବାହାଦୂର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ନାଲ୍‌କୋ ପ୍ରଶାସନିକ ବିଭାଗ ଏଜିଏମ୍ ରାଜାରାମ ମିଶ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ପ୍ରବନ୍ଧକ ଶୁଭେନ୍ଦୁ ମହାନ୍ତି ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ପ୍ରଥମ ଦିନର ମ୍ୟାଚ ନାଲକୋ ଜିଇଟି ଓ ନାଲକୋ ବ୍ଲାକ କ୍ୟାଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନାଲ୍‌କୋ ଜିଇଟି ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୧୦୭ ରନ କରିଥିଲା। ଜବାବରେ ବ୍ଲାକ କ୍ୟାଟ ଦଳ ୧୮ ଓଭରରେ ଆବଶ୍ୟକ ରନ କରି ବିଜୟୀ ହୋଇଛି। ଅମିୟ ସିଂ ଓ ଅମିୟ ସାମଲ ଖେଳ ପରିଚାଳନା କରିଥିଲେ। ଦିବ୍ୟ ଦାସ ସ୍କୋରର ଦାୟିତ୍ୱ ତୁଲାଇଥିଲେ। କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ।



ଟୁର୍ନାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

# ଲୋକେ ସଚେତନ ହେଲେ ଅପରାଧ କମିବ

ବଇଣ୍ଡା, ୮।୩(ଡି.ଏନ.ଏ.)

ପୋଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ରହିବା ଆବଶ୍ୟକ। ସରକାର ଲୋକଙ୍କୁ ଠିକ୍ ଭାବେ ସୁରକ୍ଷା ଯୋଗାଇ ଦେବା ପାଇଁ ପୋଲିସକୁ ଗୁରୁଦାୟିତ୍ୱ ଦେଇଛନ୍ତି। ହେଲେ ଏହା ଠିକ ଭାବେ କାର୍ଯ୍ୟକାରୀ ହେଉନାହିଁ। ଗ୍ରାମାଞ୍ଚଳରେ ଅପରାଧ ବୃଦ୍ଧି ପାଉଛି। ସବୁ କ୍ଷେତ୍ରରେ ସାଧାରଣ ଲୋକେ ସଚେତନ ରହିଲେ ଅପରାଧ କମିପାରିବ ବୋଲି ରବିବାର ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଲକ୍ଷ୍ମୀପୁର ଗ୍ରାମରେ ପୋଲିସ ପକ୍ଷରୁ ଅନୁଷ୍ଠିତ ଜନସମ୍ପର୍କ ଶିବିରରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ଠାକୁରଗଡ଼ ଥାନା ଅଧିକାରୀ ଗବାକ୍ଷ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଏସ୍‌ଡିପିଓ ଭବାନୀଶଙ୍କର ଉଦଗାତା, ଅନୁଗୋଳ ଜିଲା ରିଜର୍ଭ ପୋଲିସ ଅଧିକାରୀ ସୁବଳ ସୋରେନ, ଏଏସ୍‌ଆଇ କରୁଣାକର ନନ୍ଦଙ୍କ ସମେତ ଲକ୍ଷ୍ମୀପୁର, ଟେଣ୍ଟୁଲୀ, ଗ୍ରାମବାସୀ ଯୋଗ ଦେଇଥିଲେ। ପରେ ଗ୍ରାମର ଯୁବକମାନଙ୍କୁ ନେଇ ଏକ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଗ୍ରାମର ସମସ୍ତ ମହିଳାପୁରୁଷ, ଶିଶୁମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ସେହିପରି କ୍ରୀଡ଼ାବିତଙ୍କୁ ବିଭିନ୍ନ କ୍ରୀଡ଼ା ଉପକରଣ, କଳାକାରମାନଙ୍କୁ ଢୋଲ, ତାବଲା ଓ ଛାତ୍ରୀଛାତ୍ରମାନଙ୍କୁ ପେନ, ଖାତା ବଣ୍ଟନ କରାଯାଇଥିଲା। ଶେଷରେ ଗ୍ରାମବାସୀଙ୍କୁ ପୋଲିସ ପକ୍ଷରୁ ଖାଦ୍ୟ ବଣ୍ଟନ କରାଯାଇଥିଲା।



ଶିବିରରେ କ୍ରୀଡ଼ାବିତ୍‌ଙ୍କୁ ଖେଳ ସାମଗ୍ରୀ ପ୍ରଦାନ କରାଯାଉଛି।

# ଶୋଭାଯାତ୍ରାରେ ନାରୀ ସଶକ୍ତୀକରଣ ବାର୍ତ୍ତା

ତାଳଚେର, ୮।୩(ନି.ପ୍ର.)

ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଶାଖା (ଜାତୀୟ ସେବା ଯୋଜନା) ପକ୍ଷରୁ ନାରୀ ସଶକ୍ତୀକରଣ ଉପରେ ଏକ ସଚେତନତା ଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ପରିସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଶର୍ମା ଯୋଗ ଦେଇ ନାରୀ ମହାକାଶଠାରୁ ଆରମ୍ଭ କରି ବିଜ୍ଞାନ ତଥା ଅନ୍ୟ ସମସ୍ତ କ୍ଷେତ୍ରରେ ପାରଦର୍ଶିତା ଲାଭ କରିପାରିଥିବା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଇଂଲିଶ ବିଭାଗର ଅଧ୍ୟାପିକା ପ୍ରଫେସର ସୁନିତା ସାହୁ ଓ ପୁଷ୍ପଲତା ରଥ ଯୋଗଦେଇଥିଲେ। ରାଜନୀତି ବିଜ୍ଞାନର ଅଧ୍ୟାପିକା ଡ. ବନିତା ମହାନନ୍ଦିଆ ଓ ଡ. ଓମ୍ ବାଂଗ୍‌ମୟୀ କବିକନ୍ୟା ନାରୀ ସଶକ୍ତୀକରଣ ଉପରେ ବିସ୍ତୃତ ଭାବେ ବକ୍ତବ୍ୟ ରଖିଥିଲେ। ଏହି ଉପଲକ୍ଷେ କଲେଜର ଛାତ୍ରୀମାନଙ୍କୁ ନେଇ ବକ୍ତୃତା, କୁଇଜ୍, ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବକ୍ତୃତା ପ୍ରତିଯୋଗିତାରେ ରିଜଏସ୍ ନାୟକ ପ୍ରଥମ, ଶୁଭଶ୍ରୀ ପ୍ରିୟଦର୍ଶିନୀ ନାୟକ ଦ୍ୱିତୀୟ ଓ ସୁଶ୍ରୀବାଳା ସାହୁ ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି କୁଇଜ୍ ସଂଗୀତା ବେହେରା ପ୍ରଥମ, ରାଜଲକ୍ଷ୍ମୀ ମହାପାତ୍ର ଦ୍ୱିତୀୟ ଓ ପ୍ରତୀକ୍ଷା ପ୍ରିୟଦର୍ଶିନୀ ତୃତୀୟ ହୋଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଅଧ୍ୟାପିକା ଡ. ଅପ୍‌ସନା ବେଗମ୍, ବିନକା ଜେନା, ଡ. ଶ୍ୱେତାଲୀନା କର, ଡ. କୁନ୍ତଳା ସଏ, ନିବେଦିତା ବଳ, ଅଧ୍ୟାପକ ଡ. ସରୋଜ ରଥ, ଅନନ୍ତ ନାୟକ, ସନ୍ତୋଷ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏନ୍‌ଏସ୍‌ଏସ୍ ଅଫିସର ଅଧ୍ୟାପକ ଶଶାଙ୍କ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।



ସଚେତନତା ସଭାରେ ଭାଗ ନେଇଥିବା ଛାତ୍ରୀଛାତ୍ର, କଲେଜ ଅଧ୍ୟାପିକା ଅଧ୍ୟାପକମାନେ।

## ସଂକ୍ଷେପରେ

### ଡକାୟତି ଉଦ୍ୟମ ପଣ୍ଡ, ୪ ଗିରଫ



ବଅଁରପାଳ, ୮।୩(ଡି.ଏନ.ଏ.)- ତାଳଚେର ରୋଡ ନିକଟସ୍ଥ ରେଲୱେ ଷ୍ଟେଶନ ନିକଟରେ ଡକାୟତି ପାଇଁ ଯୋଜନା କରୁଥିବା ୪ ଅଭିଯୁକ୍ତଙ୍କୁ ବଅଁରପାଳ ପୋଲିସ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ନିର୍ମଳ ଚନ୍ଦ୍ର ସେଠୀ (୨୨), ସୌରଭ ନାୟକ(୨୦), ଚନ୍ଦନ ଭୋଇ(୨୧) ଓ ଶୂନ ନାୟକ। ସେମାନଙ୍କଠାରୁ ୪ଟି ଭୁଜାଲି, ଗୋଟିଏ ବାଇକି ୨ଟି ମନିପର୍ସ ୩ଟି ମୋବାଇଲ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତମାନେ ଡକାୟତି ଯୋଜନା କରୁଥିବା ନେଇ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ସେଠାରେ ଚଢ଼ାଉ କରିଥିଲା। ଏ ସଂକ୍ରାନ୍ତରେ ବଅଁରପାଳ ଥାନାରେ ନଂ. ୫୮/୨୦ ରେ ଏକ ମାମଲା ରୁଜୁ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

# 'ଇତିହାସରୁ ଉଦାହରଣ ସୃଷ୍ଟି କରିଆସୁଛି ନାରୀ'

**ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ**

ଅନୁଗୋଳ ଅଫିସ୍, ୮।୩

ମହିଳାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଥିବା ସେମାନଙ୍କର ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ପୂର୍ବାହ୍ନରେ ଜିଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ସମାଜ ମଙ୍ଗଳ, ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଜେଏସ୍‌ପିଏଲ୍ ଫାଉଣ୍ଡେଶନର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଇତିହାସରେ ରାଣୀ ଲକ୍ଷ୍ମୀବାଈଙ୍କଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଅନେକ ମହିଳା ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ଛାପ ଛାଡି ଉଦାହରଣ ସୃଷ୍ଟି କରିଆସୁଛନ୍ତି। ତେଣୁ ନାରୀ କେବେ ବି ଅବଳା ବା ଦୁର୍ବଳା ନୁହେଁ ବୋଲି ସେ ମତ ପ୍ରକାଶ କରିଥିଲେ। ଏଥିସହ ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ସ୍ୱାସ୍ଥ୍ୟ ଭିତ୍ତିକ ଯୋଜନା ଓ ଅନ୍ୟାନ୍ୟ ସରକାରୀ ଯୋଜନା ସଫଳ କରାଇବାରେ ମହିଳାମାନଙ୍କର ବିଶେଷ ଭୂମିକା ରହିଥିବା ଜିଲାପାଳ କହିଥିଲେ। ରାଜ୍ୟ ତଥା ଦେଶର ପ୍ରଗତିରେ ସେମାନେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିସହ ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱ ସ୍ତରରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିବା କରୋନା ଭାଇରସ୍ ସମ୍ପର୍କରେ ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରାଇବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପିକା ଡ. ଇନ୍ଦିରା ଦାସ, ଜିଲା ସମାଜ ମଙ୍ଗଳ ବିଭାଗର ସ୍ଥାନୀୟ ଅଭିଯୋଗ କମିଟିର ଅଧ୍ୟକ୍ଷା ଅର୍ଚ୍ଚନା ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ, ପୋଲିସ ଇନ୍ସପେକ୍ଟର ଯାଜ୍ଞସେନୀ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଳୟର ୱାନ ଷ୍ଟପ୍ ସେଣ୍ଟର ସଖୀର ସସ୍ମିତା ସାହୁ, ଜେଏସ୍‌ପିଏଲ୍ (ସିଏସ୍‌ଆର୍)ର ଜେନେରାଲ ମ୍ୟାନେଜର ପୁଷ୍ପଲତା ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଆଇସିଡିଏସ୍‌ର ପ୍ରୋଗ୍ରାମ ଅଫିସର ପୌର୍ଣ୍ଣମାସୀ ରଥ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଉପଲକ୍ଷେ ଆରମ୍ଭ ହୋଇଥିବା ଦସ୍ତଖତ ଅଭିଯାନରେ ଜିଲାପାଳଙ୍କ ସମେତ ଅନ୍ୟ ସମସ୍ତ ପଦାଧିକାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଦସ୍ତଖତ କରିଥିଲେ। ବିଭିନ୍ନ ଆୟ ଉତ୍ପାଦନକାରୀ କାର୍ଯ୍ୟରେ ସଫଳତା ହାସଲ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅଙ୍ଗନୱାଡି କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା।



ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳାମାନେ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସାନ ଥିଲେ ପଚାରି**
**ବଡ଼ ଥିଲେ ବିଚାରି।**

ବୟସରେ ସାନ ହେଲେ ମଧ୍ୟ ତାଙ୍କ କଥାକୁ ଟାଳି ନ ଦେଇ ବିଚାର କରିବା ଉଚିତ। ସେହିପରି ବୟସ୍କ ବ୍ୟକ୍ତି ବହୁ ଅଭିଜ୍ଞତା ହାସଲ କରିଥାନ୍ତି। କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ତାଙ୍କ ମତାମତ ବା ପରାମର୍ଶ ଗ୍ରହଣ କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସମସ୍ତଙ୍କ ସହ ବିଚାରବିମର୍ଶ କରିବା ଜରୁରୀ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହାଟର କନିଆ ବାଟର ବର**
**ଧରିଆଣି ବିଭାଘର କର।**

ସାଧାରଣତଃ ପୁଅ ହେଉ ବା ଝିଅ ବାହାହେବା ପୂର୍ବରୁ ଅନେକ ଧାଁଧଉଡ଼ କରିବାକୁ ପଡ଼ିଥାଏ। ଝିଅର ସଂସ୍କାର, ଚାଲିଚଳଣ ତଥା ପୁଅର ଗୁଣଗ୍ରାମ, ଚାକିରି ଘର ପରିବାର ବିଷୟରେ ଟିକିନିଖି ଜାଣି ପରଖି ପସନ୍ଦ ଆସିଲେ ଯାଇ ବାହାଘର କରାଯାଏ। ତେବେ ଏଥିରେ ବ୍ୟତିକ୍ରମ ଘଟି ବେଳେ ବେଳେ ଅଚାନକ ଭାବେ ବାହାଘର ସ୍ଥିର ହୋଇଯାଉଥିବା ଦେଖିବାକୁ ମିଳିଥାଏ। ହାଟସଉଦା କରିବାକୁ ଯାଇ କନିଆଁ ପସନ୍ଦ କରି ବାହା ହେବା ଭଳି ହଠାତ୍ ବୁଝାବୁଝି ବିଭାଘର ଅନୁଷ୍ଠିତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ବାଣେଶ୍ୱରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ



ଉତ୍ସବରେ ଯୋଗ ଦେଇଥିବା ଅନୁଗୋଳ ମହାରାଜା, ମହାରାଣୀ ଓ ଅନ୍ୟମାନେ।

ଛେଣ୍ଡିପଦା,୮।୩(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ କଣଲୋଇ ଗ୍ରାମରେ ଶ୍ରୀ ଶ୍ରୀ ବାବା ବାଣେଶ୍ୱରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ଯଜ୍ଞାଦି କାର୍ଯ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଅଞ୍ଚଳରୁ ୨୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରଥମ ଦିବସରେ ଗ୍ରାମର ମହିଳାମାନେ କଳସ ଯାତ୍ରାରେ ଗ୍ରାମ ପରିକ୍ରମା କରି ମନ୍ଦିର ଚତୁଃପାର୍ଶ୍ୱରେ କଳସ ସ୍ଥାପନ କରିଥିଲେ। ପରେ ଜଳାଭିଷେକ, ଅଧିବାସ, ବିଗ୍ରହ ସ୍ଥାପନ, ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୩ୟ ଦିବସରେ ପୂର୍ଣ୍ଣାହୁତି, ପ୍ରସାଦସେବନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅନୁଗୋଳ, ସମ୍ବଲପୁର ଓ ଦେବଗଡ ଜିଲାର ଜନସାଧାରଣ ଯୋଗ ଦେଇଥିଲେ। ଅନୁଗୋଳ ମହାରାଜା-ବୀରବର ରୁଦ୍ରନାରାୟଣ ସିଂହ, ମହୀନ୍ଦ୍ର ଜଗଦ୍ଦେବ, ମହାରାଣୀ ଗୌରୀ କାଦମ୍ବିନୀ ଦେବୀ, ଗୋବିନ୍ଦ ରାଜଗୁରୁ ପ୍ରମୁଖଙ୍କୁ ଗ୍ରାମବାସୀ ସ୍ୱାଗତ କରି ଯଜ୍ଞ ମଣ୍ଡପକୁ ପାଛୋଟି ନେଇଥିଲେ। ଏହି ଅବସରରେ କଣଲୋଇଗଡଠାରେ ମହାରାଜ ସୋମନାଥ ସିଂହ ଜଗଦ୍ଦେବ ପାଇକବାହିନୀ ଗଠନ କରାଯିବାସହ ତାଙ୍କ ନାମରେ ଏକ କ୍ଲବ ମଧ୍ୟ ଗଠିତ ହୋଇଥିଲା। ସେହିପରି ମହାରାଜାଙ୍କ କରକମଳରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। କଣଲୋଇ ଗ୍ରାମବାସୀ, ଗ୍ରାମର ଯୁବକ ସଂଘର ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରା




ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

ଅନୁଗୋଳ ଅଫିସ୍, ୮।୩

ମହିଳା ସାଂସ୍କୃତିକ ସଙ୍ଗଠନ ଅନୁଗୋଳ ଜିଲା କମିଟି ପକ୍ଷରୁ ଜିଲା ଅଫିସ୍ ଠାରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଅନୁଗୋଳ ଷ୍ଟାଡିୟମ୍ ଠାରୁ କମିଟି ସଦସ୍ୟାମାନେ ଏକ ଶୋଭାଯାତ୍ରାରେ ନାରୀ ନିର୍ଯାତନା ବନ୍ଦ କର, ଅଶ୍ଳୀଳତା, ଅପସଂସ୍କୃତି ସମ୍ପୂର୍ଣ୍ଣ ନିଷିଦ୍ଧ କର, ମଦ ଓ ମାଦକଦ୍ରବ୍ୟ ସମ୍ପୂର୍ଣ୍ଣ ବନ୍ଦ କର, ସି ଏ ଏ-ଏନ୍ ଆର୍ ସି-ଏନ୍ ପି ଆର୍ ବାତିଲ୍ କର ଆଦି ସ୍ଲୋଗାନ୍ ଦେଇ ବଜାର ପରିକ୍ରମା କରି ଶିକ୍ଷକପଡା ସ୍ଥିତ ଜିଲା କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ। ସେଠାରେ ମହିଳା ସାଂସ୍କୃତିକ ସଙ୍ଗଠନ ଜିଲା ସଭାପତି ମନ୍ଦୋଦରୀ ରାଉଳଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର ରାଜ୍ୟ ଉପସଭାନେତ୍ରୀ ସରୋଜିନୀ ନାୟକ ମୁଖ୍ୟବକ୍ତା, ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଅନୁଗୋଳ ଜିଲା କମିଟି ସମ୍ପାଦକ କମ୍ରେଡ ଭିକାରୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜରେ ନାରୀ ନିର୍ଯାତନା, ଅଶ୍ଳୀଳତା, ଅପସଂସ୍କୃତି, ମଦ ଓ ମାଦକଦ୍ରବ୍ୟ ବିରୋଧରେ ସଙ୍ଗଠିତ ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦିକା ମାନସୀ ସ୍ୱାଇଁ, ପ୍ରମିଳା ପଣ୍ଡା, ପ୍ରତିମା ବେହେରା, ପ୍ରଗତିବାଳା ନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

# ବଜାର ଅନ୍ ହୁଇଲ୍‌ର ଶୁଭାରମ୍ଭ

ଅନୁଗୋଳ ଅଫିସ୍, ୮।୩

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲା ପ୍ରଶାସନ, ଓର୍ମାସ୍, ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ଓ ଜେଏସ୍‌ପିଏଲ୍ ଫାଉଣ୍ଡେଶନର ମିଳିତ ସହଯୋଗରେ ଜନଜୀବିକା ଏକ୍ସପ୍ରେସ୍‌ର ଏକ ଭ୍ରାମ୍ୟମାଣ ବଜାର (ବଜାର ଅନ୍ ହୁଇଲ୍)କୁ ରବିବାର ପୂର୍ବାହ୍ନରେ ଜିଲାପାଳ ମନୋଜ କୁମାର ମହାନ୍ତି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପରିସରର ଶୁଭାରମ୍ଭ କରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମୀଣ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ଏହି ଜନଜୀବିକା ଏକ୍ସପ୍ରେସ୍ ମାଧ୍ୟମରେ ଜିଲାର ବିଭିନ୍ନ ହାଟ ଓ ବଜାରରେ ବିକ୍ରି କରିବା ହେଉଛି ଏକ ନୂତନ ପ୍ରୟାସ। ଏହା ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଦଳ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଉଚିତ ମୂଲ୍ୟ ପାଇବା ସହ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଏହି ଭ୍ରାମ୍ୟମାଣ ଯାନରେ ଝୋଟ ଜାତ ଦ୍ରବ୍ୟ, ଖାଦ୍ୟ ସାମଗ୍ରୀ, କପଡ଼ା ବସ୍ତ୍ର, ସୁଗନ୍ଧିତ ଧୂପକାଠି, ପରିମଳ ପ୍ରସାଧନ ଆଦି ବିଭିନ୍ନ ସାମଗ୍ରୀ ବିକ୍ରି କରାଯିବ। ପ୍ରତ୍ୟେକ ସୋମବାରରେ ଅନୁଗୋଳ ପୌରପାଳିକା ଛକ, ମଙ୍ଗଳବାର ଜିଲା କାର୍ଯ୍ୟାଳୟ ପରିସର, ବୁଧବାର ନାଲ୍‌କୋ ଟାଉନଶିପ, ଗୁରୁବାର ଅନୁଗୋଳ ସରକାରୀ ମହାବିଦ୍ୟାଳୟ ଛକ (କଲେଜ ଛକ), ଶୁକ୍ରବାର ଜିଲା କାର୍ଯ୍ୟାଳୟ ପରିସର ଓ ଶନିବାର ଅନୁଗୋଳ ପୌରପାଳିକା ଛକରେ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିକ୍ରି କରାଯିବ। ସେହିପରି ରବିବାର ସକାଳ ସାଢ଼େ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅନୁଗୋଳ ମିଶ୍ରପଡ଼ା ଛକରେ ଏହି ସାମଗ୍ରୀ ବିକ୍ରି କରାଯିବ ବୋଲି ସ୍ଥିର କରାଯାଇଛି। ଏହି ଅବସରରେ ଜେଏସ୍‌ପିଏଲ୍ ଫାଉଣ୍ଡେଶନର ଗୋଟିଏ କିଶୋରୀ ଏକ୍ସପ୍ରେସ୍‌କୁ ମଧ୍ୟ ଜିଲାପାଳ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜେଏସ୍‌ପିଏଲ୍ ସିଏସ୍‌ଆର୍‌ର ଜିଏମ୍ ପୁଷ୍ପଲତା ଶତପଥୀ ଓ ଓର୍ମାସ୍‌ର ସୌରଭମୟ ଦାସଙ୍କ ସମେତ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ଓ ସାମଗ୍ରୀ ଉତ୍ପାଦିକା ଦଳର ସଦସ୍ୟାମାନେ ଉପସ୍ଥିତ ଥିଲେ।



ଜିଲାପାଳ ପତାକା ଦେଖାଇ ଭ୍ରାମ୍ୟମାଣ ବଜାରର ଶୁଭାରମ୍ଭ କରୁଛନ୍ତି।

# ମନ ଛୁଇଁଲା 'ଘଡ଼ିକେ ଘୋଡ଼ା ଛୁଟୁଛି'



ନାଟକର ଏକ ଦୃଶ୍ୟ।

**ଆରମ୍ଭ ହେଲା ନାଟ୍ୟମେଳା**

ଅନୁଗୋଳ ଅଫିସ୍, ୮।୩

ଅନୁଗୋଳ ନାଟ୍ୟମ୍ ଅନୁଷ୍ଠାନର ୪୧ତମ ଜନ୍ମ ବାର୍ଷିକୀ ଅବସରରେ ସ୍ଥାନୀୟ ସଭାଘର ପରିସରରେ ନାଟ୍ୟମ୍ ନାଟ୍ୟମେଳା ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ପୌରପାଳିକା ପୂର୍ବତନ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ, ଲିଟ୍‌ହାର୍ଟ୍ସ ଟଡଲର୍ସ ଏକାଡେମୀ ପ୍ରତିଷ୍ଠାତା ଜ୍ୟୋତି ଗୋହିଲ ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମନନ ନାଟ୍ୟ ସଂସ୍ଥା ପକ୍ଷରୁ ପରିବେଷିତ 'ଘଡ଼ିକେ ଘୋଡ଼ା ଛୁଟୁଛି' ଦର୍ଶକଙ୍କ ମନ ଛୁଇଁଥିଲା। ଏଥିରେ ଗାନ୍ଧୀଙ୍କ ଜନ୍ମର ୧୫୦ ବର୍ଷ ପରେ ଗାନ୍ଧୀବାଦର ସ୍ଥାନ କେଉଁଠି ଏବଂ ଅହିଂସା, ସତ୍ୟ ଓ ଧର୍ମକୁ ନେଇ ବଞ୍ଚିବାରେ ତାଡ଼ନା କେତେ ଯନ୍ତ୍ରଣା ଦାୟକ ତାହା ପରିବେଷିତ ହୋଇଥିଲା। ନାଟକର ପ୍ରଯୋଜନା ସୁଶାନ୍ତ କିଶୋର ପଟ୍ଟନାୟକ ଓ ବିକ୍ରମ ଚନ୍ଦ୍ର ନାୟକ କରିଥିବା ବେଳେ ନାଟ୍ୟ ପରିକଳ୍ପନା ଓ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ କରିଥିଲେ। ଏହି ନାଟକରେ ମନୋଜ ପଟ୍ଟନାୟକ, ଚିରଞ୍ଜୀବ ସାହୁ, ଅନୁଜ ପଟ୍ଟନାୟକ, ସରୋଜ ପଟ୍ଟନାୟକ, ରାମଚନ୍ଦ୍ର ଭୋଳ, ଅୟସକାନ୍ତ ସ୍ୱାଇଁ ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ।



ଅତିଥିମାନେ ନାଟ୍ୟମେଳା ଉଦ୍‌ଘାଟନ କରୁଛନ୍ତି।

# ମହିଳାଙ୍କ ବିକାଶ ଉପରେ ଆଲୋଚନା

ଛେଣ୍ଡିପଦା/କଣିହାଁ, ୮।୩ (ସ୍ୱ.ପ୍ର./ଡି.ଏନ.ଏ.)

ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର କୁକୁରପେଟା ଡ୍ୟାମ ନିକଟରେ ଛେଣ୍ଡିପଦା ବିଜେଡି ପକ୍ଷରୁ ରବିବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଛେଣ୍ଡିପଦା ବିଜେଡି ମହିଳା ସଭାପତି ଆରତୀ ଗଡନାୟକଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ପର୍ଯ୍ୟବେକ୍ଷକ ନମିତା ନାୟକ, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ବାସନ୍ତୀ କିଷାନ, ଉପାଧ୍ୟକ୍ଷା ସୁଷମା ରାଉଳ, ଜିଲାପରିଷଦ ସଦସ୍ୟ ସନ୍ତୋଷ ଦାଶ, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ମହିଳାଙ୍କ ବିକାଶ ଉପରେ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଏଥିରେ ନିର୍ବାଚନ ମଣ୍ଡଳୀର ୫୨ ପଞ୍ଚାୟତର ୩ ହଜାରରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ବହୁ ବିଜେଡି ମହିଳା କର୍ମୀ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାମ କରିଥିବା ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ। ସେହିପରି କଣିହାଁ ବ୍ଲକ ରେଙ୍ଗାଲି ପ୍ରକଳ୍ପ ଓଏଚପିସି ବିଶ୍ୱକର୍ମା ପୂଜା ପଡ଼ିଆଠାରେ ବିଜେଡିର ପାଲଲହଡା ନିର୍ବାଚନ ମଣ୍ଡଳୀସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ପାଲଲହଡ଼ା ବିଧାୟକ ମୁକେଶ ପାଲ ରେଙ୍ଗାଲି ପୁରୁଣା ଫାଣ୍ଡି ଛକଠାରୁ ମହିଳାମାନଙ୍କ ସହ ଏକ ଶୋଭାଯାତ୍ରାରେ ବାହାରି ପବିତ୍ରମୋହନ ସ୍ମାରକୀ ସ୍ନାତକ କଲେଜଠାରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନ ଓ ମେଡିକାଲ ଛକ ନିକଟସ୍ଥ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସଭାସ୍ଥଳକୁ ଆସିଥିଲେ। ବ୍ଲକ ବିଜେଡି ସଭାପତି କୈଳାସଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଚନ୍ଦ୍ରମଣି ଗଡ଼ନାୟକ, ନନ୍ଦକିଶୋର ନାଏକ, ଗଙ୍ଗାଧର ଜିତ, ରାଜୀବ ଲୋଚନ ଦାସ, ଲିଲି ପ୍ରଧାନ, ହିମାଚଳ ପଣ୍ଡା, ସୁଶୀଳ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଷ୍ଣୁକୁମାର ଦାସ, ସୁବାସ ମହାନ୍ତି ସହଯୋଗ କରିଥିଲେ।




କଣିହାଁରେ ବିଜେଡି ପକ୍ଷରୁ ଆୟୋଜିତ ମହିଳା ସମାବେଶରେ ମଞ୍ଚାସୀନ ଅତିଥିମାନେ।



ଛେଣ୍ଡିପଦାରେ ମହିଳା ଦିବସ ପାଳନ ଅବସରରେ ବିଧାୟକ ବକ୍ତବ୍ୟ ରଖୁଛନ୍ତି।

## ସଂକ୍ଷେପରେ

### 'ଜହର ପାଲଟିଛି ସାଳନ୍ଦୀ ଜଳ'

ଆରଡ଼ି, ୮।୩ (ଡି.ଏନ.ଏ.): ଆରଡ଼ି ଜଗନ୍ନାଥ ମନ୍ଦିର ପରିସରରେ ସାଳନ୍ଦୀ ନଦୀ ବିକାଶ ମଞ୍ଚ ପକ୍ଷରୁ ରବିବାର ଅପରାହ୍ଣରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତାପ ଚନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାମାଜିକ କର୍ମୀ ସମ୍ବିତ ମହାନ୍ତି, ସ୍ୱଦେଶ ପଣ୍ଡା, ସୁଦର୍ଶନ ପଣ୍ଡା ପ୍ରମୁଖ ସାଳନ୍ଦୀ ସଂସ୍କାର ସମ୍ପର୍କିତ ବିବରଣୀ ଦେଇଥିଲେ। ସାଳନ୍ଦୀ ଜଳ ଏବେ ଜହର ପାଲଟିଛି। ସାଧାରଣ ଲୋକେ ଏହି ପାଣି ବ୍ୟବହାର କରି ନାନା ଚର୍ମରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ହେଉଥିଲେ ବି ସେଥିରୁ ମୁକ୍ତି ପାଇପାରୁ ନାହାନ୍ତି। ଏହାଛଡ଼ା ଭଦ୍ରକରୁ ତିନିତର ମଧ୍ୟରେ ବହୁ ସ୍ଥାନରେ ନଦୀ ପୋତି ହୋଇପଡ଼ିଲାଣି। ଏହାର ଜଳରାଶିକୁ ଅଟକାଇ କୃଷି ଜମିରେ ବିନିଯୋଗ କରିବା, ଉପନଦୀ ହଂସଡିଆଁକୁ ମଧ୍ୟ ଖନନ କରାଯାଇ ଜଳ ସଂରକ୍ଷଣ ରଖିବା, ଆସନ୍ତା ଏପ୍ରିଲ ୨୦ରେ ସ୍ଥାନୀୟ ଅଞ୍ଚଳର ଲୋକେ ଏ ସଂକ୍ରାନ୍ତରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ନରହରି ଦାସ, ଜୀବନାନନ୍ଦ ପାଢ଼ୀ, କହ୍ନେଇ ଚରଣ ବିଲାସ, ଆଡଭୋକେଟ ଶରତ ମହାକୁଳ, ସନ୍ତୋଷ ପାଢ଼ୀ, ମାନସ ନାୟକ, ଗଣେଶ ବିଶ୍ୱାଳ, ପ୍ରଦୀପ ନାୟକ ପ୍ରମୁଖ ସାଳନ୍ଦୀ ସଂସ୍କାର ଉପରେ ଗୁରୁତ୍ୱାରୋପ କରିଥିଲେ। ଆରଡ଼ି, ନାନ୍ଦପୁର, ଓଳଗ, ସୁନ୍ଦରପୁର ଆଦି ପଞ୍ଚାୟତର ଶତାଧିକ ବ୍ୟକ୍ତି ବୈଠକରେ ଯୋଗ ଦେଇଥିଲେ।

# ପାଇକଆଖଡାରେ ପାଇକ ବିଦ୍ରୋହର କଥା

ପାଲଲହଡ଼ା, ୮।୩(ଡି.ଏନ.ଏ.)



ମହୋତ୍ସବରେ କଳାକାରଙ୍କ ଦ୍ୱାରା ପରିବେଷିତ ଲୋକନୃତ୍ୟ ।

ପାଲଲହଡ଼ା ଲୋକ ମହୋତ୍ସବ ମାଲ୍ୟଗିରି ମହୋତ୍ସବ-୨୦୨୦ର ରବିବାର ଥିଲା ଚତୁର୍ଥ ସନ୍ଧ୍ୟା। ବିଭିନ୍ନ ଦଳର ଲୋକଗୀତରେ ବେଶ ଜମିଥିଲା ସାଂସ୍କୃତିକ ଆସର। ଜିଲା ତଥା ଜିଲା ବାହାରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ପରିବେଷିତ ପାଇକଆଖଡା ପାଇକ ବିଦ୍ରୋହର ବୀରତ୍ୱ ଗାଥା କଥା ମନେ ପକାଇଥିଲା। ସେହିପରି ଦହଲା ନୃତ୍ୟ, ଘୁଡକ ନାଚ, ନୂଆପଡା ଜିଲାର ପର୍ଏଁରୀ ନୃତ୍ୟ, ସମ୍ବଲପୁରୀ



ନୃତ୍ୟ ଏବଂ ଓଲିଉଡ଼ ଗାୟକଙ୍କ ସଙ୍ଗୀତ ଦର୍ଶକଙ୍କ ମନ ଛୁଇଁଥିଲା।

ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ପାଲଲହଡା ଉପଖଣ୍ଡ ପୋଲିସ ଅଧିକାରୀ ଯଶୋବନ୍ତ ସାମଲ, ପାଲଲହଡ଼ା ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ବ୍ଲକ ଉପାଧ୍ୟକ୍ଷା ଲିଲି ପ୍ରଧାନ ଯୋଗ ଦେଇଥିଲେ। ପାଲଲହଡା ବିଧାୟକ ମୁକେଶ କୁମାର ପାଲ ସଭାପତିତ୍ୱ କରିଥିଲେ। ଉପଜିଲାପାଳ ଅଜିତ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ପରେ ମହୋତ୍ସବ କମିଟି ତରଫରୁ ନିମନ୍ତ୍ରିତ ଅତିଥିମାନଙ୍କୁ ସ୍ମୃତି ଚିହ୍ନ ଦେଇ ସମ୍ମାନିତ କରାଯାଇଥିଲା।

**ମାଲ୍ୟଗିରି ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

ମହୋତ୍ସବର ଦ୍ୱିତୀୟ ଭାଗରେ ନୂଆପଡା ଜିଲାର କଳାକାରମାନଙ୍କ ପର୍ଏଁରୀ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଶେଷ ପର୍ଯ୍ୟାୟରେ ଓଲିଉଡ଼ ଗାୟକ ଶଶାଙ୍କ ଶେଖରଙ୍କ ସଂଗୀତ ପରିବେଷଣ ଏବଂ ହାସ୍ୟ ଅଭିନେତା ଟୁକୁନାଙ୍କ ଅଭିନୟକୁ ଦର୍ଶକ ଉପଭୋଗ କରିଥିଲେ। ଚଳିତ ବର୍ଷ ମହୋତ୍ସବରେ ରାଜ୍ୟ ସରକାରଙ୍କ ପକ୍ଷରୁ ପଡିଥିବା ବିଭିନ୍ନ ହସ୍ତଶିଳ୍ପ ଏବଂ ଘରକରଣା ସାମଗ୍ରୀ ଷ୍ଟଲରେ ଲୋକେ ଜିନିଷ କିଣିବାକୁ ଆଗ୍ରହୀ ଥିବା ଦେଖାଯାଇଥିଲା। ସେହିପରି ଖାଦ୍ୟ ଷ୍ଟଲରେ ମଧ୍ୟ ଲୋକଙ୍କ ଭିଡ଼ ଜମିଥିଲା। ଉପଖଣ୍ଡ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସୋମବାର ମହୋତ୍ସବ ଉଦ୍‌ଯାପିତ ହେବ।

# ମଣ୍ଡିରେ ଭିଜୁଛି ଚାଷୀଙ୍କ ଧାନ

**ପଦ୍ମପୁର, ୮।୩ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଞ୍ଚଳରେ ଦୁଇଦିନ ଧରି ବର୍ଷା ଲାଗି ରହିଛି। ଫଳରେ ବିଭିନ୍ନ ସେବା ସମବାୟ ସମିତି ମଣ୍ଡିରେ ଖୋଲାରେ ପଡ଼ିରହିଥିବା ଚାଷୀଙ୍କ ଧାନ ଭିଜୁଛି। ଏଡ଼ତାଳ ସେବା ସମବାୟ ସମିତିରେ ୬୫୦୦ କୁଇଣ୍ଟାଲ ଧାନ ବିକ୍ରି ଲାଗି ଚାଷୀମାନେ ଟୋକନ ପାଇଛନ୍ତି। ସେମାନେ ମଣ୍ଡିରେ ଧାନ ଦେଇଥିଲେ ମଧ୍ୟ ଟାର୍ଗେଟ୍ ଆସି ନ ଥିବାରୁ ବିକ୍ରି ହୋଇପାରୁ ନ ଥିବା ପ୍ରକାଶ କରିଛନ୍ତି। ସେହିପରି ୧୫୪ ଚାଷୀଙ୍କର ଅନ୍‌ଲାଇନ ପଞ୍ଜୀକରଣ ଅଦ୍ୟାବଧି ଆସିପାରି ନ ଥିବାରୁ ସେମାନେ ଧାନ ଦେଇପାରୁ ନାହାନ୍ତି। ପଦ୍ମପୁର ସମବାୟ ସମିତିରେ ୬୦୦ କୁଇଣ୍ଟାଲ ଧାନ ଖୋଲାରେ ପଡ଼ି ଭିଜୁଛି। ସୁଗୋ ସମିତିରେ ୩ଶହ କୁଇଣ୍ଟାଲ ଧାନ ପଡ଼ି ରହିଥିବାବେଳେ ୩୨ଚାଷୀଙ୍କର ପଞ୍ଜୀକରଣ ଅଟକିଛି। ବିନାୟକପୁର ସମିତିରେ ୩ଶହ କୁଇଣ୍ଟାଲ ଧାନ ପଡ଼ି ରହିଥିବାବେଳେ ୩୦ ଚାଷୀଙ୍କର ପଞ୍ଜୀକରଣ ଆସିପାରି ନ ଥିବା ସମ୍ପାଦକ ଅନିରୁଦ୍ଧ ନାୟକ ସୂଚନା ଦେଇଛନ୍ତି। ଧାନ ବିକି ନ ପାରି ଚାଷୀମାନେ ସମବାୟ ସମିତିକୁ ପ୍ରତ୍ୟେହ ଦୌଡ଼ି ନିରାଶ ହେଉଛନ୍ତି। ୭ ଦିନ ମଧ୍ୟରେ ଜିଲା ଯୋଗାଣ ବିଭାଗ ଏହି ସମସ୍ୟାର ସମାଧାନ କରି ଧାନ ନ କିଣିଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।



ବାସୁଦେବପୁର ବ୍ଲକର ଏକ ମଣ୍ଡିରେ ପଡ଼ି ରହିଛି ଧାନ।

# କୃଷି ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ



କାର୍ଯ୍ୟକ୍ରମରେ ଅତିଥିମାନେ।

ପରଜଙ୍ଗ, ୮।୩(ଡି.ଏନ.ଏ.)

ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶନିବାର ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ ସହ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୃଷି ବିଭାଗ ଅଧିକାରୀ, ଜନପ୍ରତିନିଧିମାନେ ଉପସ୍ଥିତ ରହି କୃଷି ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ।

'ଆମ କୃଷି' ଶୀର୍ଷକ ଏହି ଆଲୋଚନା କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ନୃସିଂହ ଚରଣ ସାହୁ, ସମ୍ମାନିତ ଅତିଥି ବିଡିଓ ବସନ୍ତ କୁମାର ମଲ୍ଲିକ ଯୋଗଦେଇଥିଲେ। ନିକଟରେ ବ୍ଲକ କୃଷି ଅଧିକାରୀଙ୍କ ବଦଳି ହୋଇଯାଇଥିବାରୁ ଭିଏଡବ୍ଲ୍ୟୁ ଅଜୟ ଦେହୁରୀ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ। ଶୀର୍ଷସ୍ତରୀୟ ଅଧିକାରୀ ଅନୁପସ୍ଥିତ ଥିବାରୁ ଅଧିକ ଆଲୋଚନା ହୋଇପାରି ନ ଥିଲା। ଏବିଡିଓ ଅଶୋକ କୁମାର ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଜନ ସାହୁ, ଏପିଓ ପ୍ରଜ୍ଞାଶ୍ରୀ ମିଶ୍ର, ଜିପିଇଓ ସୁଦାମ ଚରଣ ସାମଲ, ଯନ୍ତ୍ରୀ ସଞ୍ଜୟ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ସୁକାନ୍ତି, ଧନେଶ୍ୱର

# ଏବେ ସୁଖଦୁଃଖର ସାଥୀ



ପତ୍ନୀ ସୁକାନ୍ତି, ଶିଶୁପୁତ୍ରଙ୍କ ସହ ଧନେଶ୍ୱର।

ଦୀପ୍ତିରଞ୍ଜନ ନାୟକ
ଆରଡ଼ି,୮।୩

ସମାଜରେ ସୁସ୍ଥ ଲୋକଙ୍କ ପରି ଜୀବନ ବିତାଇବାକୁ ୨୦୧୭ରେ ବୈଦିକ ରୀତିରେ ବିବାହ କରିଥିଲେ। ୭ ମାସ ତଳେ ସେମାନଙ୍କ କୋଳ ମଣ୍ଡନ କରିଛି ଏକ ଶିଶୁପୁତ୍ର। ତେଲଲୁଣର ସଂସାର ମଧ୍ୟରେ ଦୁଃଖ ଆସିଲେ ବି ସେଥିରେ ଖାତିର ନ କରି ହସି ହସି ସ୍ଥିତିକୁ ସାମ୍ନା କରୁଛନ୍ତି ଏହି ଦମ୍ପତି। ଦିବ୍ୟାଙ୍ଗ ହୋଇଥିଲେ ବି କାହା ଉପରେ ନିର୍ଭର ନ କରି ସେମାନେ ଆତ୍ମନିର୍ଭରଶୀଳ ହୋଇ ବଞ୍ଚିବାକୁ ସଂଘର୍ଷ ଜାରି ରଖିଛନ୍ତି।

ଏହି ଦିବ୍ୟାଙ୍ଗ ଦମ୍ପତି ହେଲେ ଧନେଶ୍ୱର ପରିଡ଼ା ଓ ସୁକାନ୍ତି ପରିଡ଼ା। ଘର ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ସୁନ୍ଦରପୁରରେ। ଧନେଶ୍ୱର ୨ ମାସର ହୋଇଥିବା ବେଳେ ମିଳିମିଳାରେ ତାଙ୍କର ଦୁଇ ଆଖି ନଷ୍ଟ ହୋଇଯାଇଥିଲା। ସେ ସ୍ଥାନୀୟ ସୁନ୍ଦରପୁର- ଦୋହରାପାଟଣା ଉ.ପ୍ରା. ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନିଲ କୁମାର ଦାସଙ୍କ ଉଦ୍ୟମରେ ୭ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ି ପାରିଥିଲେ। ପରେ ସେ ବିନା ଗୁରୁରେ ନିଜ ଉଦ୍ୟମରେ ଢୋଲ ବଜାଇବା ଶିଖିଥିଲେ। ଏଥିସହ ସଙ୍ଗୀତ ସାଧନା ମଧ୍ୟ କରିଥିଲେ। ଏବେ ସୁଲଳିତ କଣ୍ଠରେ ଭଜନ ଶୁଣାଇବା ସହ ସଂକୀର୍ତ୍ତନ ମଣ୍ଡଳୀରେ ବିଭିନ୍ନ ସ୍ଥାନକୁ ଯାଇ ସଙ୍ଗୀତ ପରିବେଷଣ କରି ଲୋକଙ୍କ ହୃଦୟ ଜିଣିପାରିଛନ୍ତି। ସେଥିରୁ ଯାହା ମିଳୁଛି ଚଳୁଛି ପରିବାର। ଧନେଶ୍ୱରଙ୍କ ମାତାପିତା ଓ ୨ ଭାଇ ଅଛନ୍ତି। ହେଲେ ପତ୍ନୀ ଓ ଶିଶୁପୁତ୍ରଙ୍କୁ ନେଇ ତାଙ୍କର ଛୋଟ ସଂସାର। ଉଭୟ ମାସିକ ୫ ଶହ ଟଙ୍କା ଲେଖାଏ ସରକାରୀ ଭତ୍ତା ପାଉଛନ୍ତି। ପୂର୍ବରୁ ପାଉଥିବା ମାଗଣା ୧୦ କେଜି ଚାଉଳ ବର୍ଷେ ହେଲା ଆଉ ମିଳୁନି। ସୁକାନ୍ତିଙ୍କର ଜନ୍ମ ବେଳୁ ବାମହାତ କହୁଣି ପାଖରୁ ନାହିଁ। ସେ ଅବିବାହିତ ଥିବାବେଳେ ଏକ ଶିଳ୍ପ ତାଲିମ ଶିକ୍ଷାକେନ୍ଦ୍ରରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାମ କରୁଥିଲେ। ବିବାହ ପରେ ସେହି ଚାକିରି ଚାଲିଯାଇଛି। ବର୍ତ୍ତମାନ ଗୋଟିଏ ହାତରେ ସେ ସମସ୍ତ ଘରୋଇ କାମ କରିବା ସହ ସ୍ୱାମୀଙ୍କ ପାଇଁ ସାହାରା ପାଲଟିଛନ୍ତି। ଗୋଟିଏ ହାତରେ ସେ ପୁଅର ଯତ୍ନ ନେବା ସହ ଅନ୍ୟ କାମ ମଧ୍ୟ କରୁଛନ୍ତି। ଦିବ୍ୟାଙ୍ଗମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯାଉଥିବାବେଳେ ଏହି ଦମ୍ପତି ଅଣଦେଖାର ଶିକାର ହୋଇଛନ୍ତି। ତଥାପି ସେମାନେ ପରିସ୍ଥିତିକୁ ସାମ୍ନା କରି ଆଗକୁ ବଢ଼ିବାକୁ ଉଦ୍ୟମ ଜାରି ରଖିଥିବା କହିଛନ୍ତି। ଧନେଶ୍ୱର କହନ୍ତି, ସେ ତାଙ୍କ ଶିଶୁପୁତ୍ରକୁ ପାଠ ପଢ଼ାଇ ବଡ଼ ମଣିଷ କରିବେ। ସେହି ସ୍ୱପ୍ନରେ ଏବେ ଆତ୍ମବିଭୋର ଏହି ଦମ୍ପତି। ଏହି ଦିବ୍ୟାଙ୍ଗ ଦମ୍ପତିଙ୍କର କର୍ମନିଷ୍ଠା ଓ ଆଚରଣ ବିରଳ ଉଦାହରଣ କହିଲେ ଅତ୍ୟୁକ୍ତି ହେବ ନାହିଁ।

## ଆନ୍ତର୍ଜାତିକ ମହିଳା ଦିବସ

**ଭଦ୍ରକ ଅଫିସ, ୮।୩:** ଭଦ୍ରକ ଜିଲା ସଂସ୍କୃତି ଭବନରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ରବିବାର ଆନ୍ତର୍ଜାତିକ ମହିଳା ଦିବସ ଜିଲା ପ୍ରଶାସନ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ମିଳିତ ସହଯୋଗରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜଗନ୍ନାଥ ପହି ପ୍ରମୁଖ ଯୋଗ ଦେଇଥିଲେ। ଆସିଆନାର ସମ୍ପାଦିକା ସୋଫିଆ ସେକ୍, ପ୍ରାଧାପିକା ଝରଣା ପଟ୍ଟନାୟକ, ରାଧାରାଣୀ ମହାପାତ୍ର, ବାଳିକା ଶିକ୍ଷା ସଂଯୋଜିକା ଇପ୍‌ସିତା ଜେନା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟକେତନ ସାହୁ, ଜିଲା ପ୍ରକଳ୍ପ ସଂଯୋଜକ(ମମତା) ପ୍ରଦ୍ୟୁମ୍ନ ଘୋଷ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ସୀତାଂଶୁ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ଏସ୍.ଏମ୍ ଫାରୁକ୍, ଜମ୍ବୁବତୀ ଜେନା, ସମସ୍ତ ବ୍ଲକର ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ସୁଧାରଗୃହର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ସୁରକ୍ଷା ଅଧିକାରୀ ସଙ୍ଗୀତା ଦେ ସଭାପତିତ୍ୱ ଓ ପ୍ରଭାବତୀ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଝଲସିଲାଣି ପତିରାଜପୁର ମେଳା ମଣ୍ଡପ

ଉତ୍କଳବନ୍ଧୁ ପଣ୍ଡା
ଖଇରା, ୮।୩



ମଣ୍ଡପ ସାଜସଜା ଚାଲିଥିବା ବେଳେ ଅସ୍ଥାୟୀ ଦୋକାନ ଗୃହ ନିର୍ମାଣ କରାଯାଉଛି।

କଳା, ସଂସ୍କୃତି, ଆଧ୍ୟାତ୍ମିକତା ଓ ଐତିହ୍ୟର ପ୍ରତୀକ ଭାବେ ବାଲେଶ୍ୱର ଜିଲାର ପତିରାଜପୁର ମେଳା ପ୍ରସିଦ୍ଧ। ସୋମବାର

**ବିରାଜିବେ ଦୋଳଗୋବିନ୍ଦ**

ରାତିରୁ ମେଳା ପଡିଆରେ ଦୋଳମେଳନ ଆରମ୍ଭ ହେଉଥିବାରୁ ସମଗ୍ର ଖଇରା ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ସୁସଜ୍ଜିତ ଆଲୋକ ସାଜସଜ୍ଜା, ଠାକୁରଙ୍କ ବିମାନ ପାଇଁ ଆସ୍ଥାନ, ସାଂସ୍କୃତିକ ମଞ୍ଚ ଓ ୭ଶହରୁ ଅଧିକ ଉଠାଦୋକାନୀଙ୍କ ପସରା ମେଳାକୁ ଅଧିକ ଆକର୍ଷଣୀୟ କରିଛି। ଏଥର ୮୦ରୁ ଊର୍ଦ୍ଧ୍ୱ ରାଧାକୃଷ୍ଣଙ୍କ ବିମାନ ଦୋଳମଣ୍ଡପରେ ଶୋଭାପାଇବ। ୮ଦିନ ଧରି ଆୟୋଜିତ ହୋଇଥିବା ମେଳାରେ ଅନ୍ୟ ବର୍ଷ ଭଳି ଏଥର ଲକ୍ଷାଧିକ ଦେଖଣାହାରିଙ୍କ ସମାବେଶକୁ ଦୃଷ୍ଟିରେ ରଖି ମେଳା କମିଟି ଓ ପ୍ରଶାସନ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ୧ ପ୍ଲାଟୁନ ପୋଲିସ ଫୋର୍ସ ସହିତ ଅଗ୍ନିଶମ କର୍ମଚାରୀ ଓ ଦର୍ଶକଙ୍କୁ ସେବା ଯୋଗାଇବା ଲାଗି ବହୁ ସ୍ୱେଚ୍ଛାସେବୀ ମୁତୟନ ବ୍ୟବସ୍ଥା କରାଯାଇଛି।

ସୁସଜ୍ଜିତ ବିମାନରେ ଠାକୁରଙ୍କୁ ଆକର୍ଷଣୀୟ ଶୋଭାଯାତ୍ରାରେ ଦୋଳ ପଡିଆ ଆସ୍ଥାନକୁ ଅଣାଯିବା ବେଳେ ସମଗ୍ର ଅଞ୍ଚଳ ଝଲସି ଉଠିଥାଏ। ଶଙ୍ଖ, ହୁଳହୁଳି, ଖୋଳ କରତାଳରେ ପୂରି ଉଠେ ପରିବେଶ। ଜନମାନସରୁ ହଜିଯାଉଥିବା ପାରମ୍ପରିକ ପ୍ରାଚୀନ ଲୋକକଳା ପ୍ରଦର୍ଶନ ଶୋଭାଯାତ୍ରାର ଗୁରୁତ୍ୱ ବଢାଇଥାଏ। ଗତ କିଛିବର୍ଷ ଭଳି ଚଳିତବର୍ଷ ମେଳା ପରିସରରେ ପୂର୍ଣ୍ଣମୀ ଦିନ ଡିଜେ ବାଦ୍ୟ ଓ ବାଣକୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରାଯାଇଛି । ମେଳା ପଡିଆରେ ଚାନ୍ଦିନୀର ପୁନରୁଦ୍ଧାର ଓ ଆଲୋକ ବ୍ୟବସ୍ଥା ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍‌ଘାଟିତ ହୋଇଯାଇଛି। ପାଣି ସମସ୍ୟାର ସମାଧାନ ପାଇଁ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଇଛି।

ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରୁ ଅଗଣିତ ଶ୍ରଦ୍ଧାଳୁ ପ୍ରତିବର୍ଷ ଏହି ମେଳା ଦେଖିବାକୁ ଆସିଥାନ୍ତି। ଦେଶବିଦେଶରେ ରହୁଥିବା ଖଇରା ଅଞ୍ଚଳର ଲୋକେ ପର୍ବ ପାଇଁ ଘରକୁ ଫେରିଆସିଥାନ୍ତି। ୮ ଦିନର ମହୋତ୍ସବ ଶେଷ ହେବା ସତ୍ତ୍ୱେ ଓଡ଼ିଶାର କୋଣ ଅନୁକୋଣରୁ ଆସିଥିବା ଅନେକ ଛୋଟବଡ ବ୍ୟବସାୟୀ ମେଳା ପଡିଆରେ ପ୍ରାୟ ୧ ମାସ ଧରି ରହିଥାନ୍ତି। ହେଲେ କ୍ରମାଗତ ବର୍ଷା ଲାଗି ରହିବା ବ୍ୟବସାୟୀଙ୍କ ଚିନ୍ତା ବଢାଇଛି। ମେଳା କମିଟି ସଭାପତି ପୀତାମ୍ବର ପଟ୍ଟନାୟକ କହିଛନ୍ତି ଯେ, ଶାନ୍ତିଶୃଙ୍ଖଳାରେ କାର୍ଯ୍ୟକ୍ରମ ପରିଚାଳନା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଶ୍ରଦ୍ଧାଳୁଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସୁଥିବା ଟିମ୍ ଏଠାରେ ଅଧିକ ଦିନ କ୍ୟାମ୍ପ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ ଯୋଗାଣ ବିଭାଗ ପକ୍ଷରୁ ପୂର୍ବଭଳି ଉଠାଦୋକାନୀଙ୍କୁ କିରୋସିନ ଯୋଗାଇ ଦେବାକୁ ଦାବି କରିଛନ୍ତି। ମେଳା ପରିସରରେ କେହି ନିଶାଦ୍ରବ୍ୟ ବିକ୍ରି କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ସୁବ୍ରତ ବେହେରା କହିଥିବା ବେଳେ ମେଳା ପରିସରକୁ ସ୍ୱଚ୍ଛ ଓ ଆବର୍ଜନାମୁକ୍ତ ରଖିବାକୁ କମିଟି ସମ୍ପାଦକ ଗୌରାଙ୍ଗ ପାଣି ବ୍ୟବସାୟୀ ଓ ଆସୁଥିବା ଦର୍ଶକଙ୍କୁ ନିବେଦନ କରିଛନ୍ତି।

### ପଥରାଜପୁର ଏବେ ପତିରାଜପୁର

ଖଇରା, (ଡି.ଏନ.ଏ.)

ଐତିହାସିକ ଗୁରୁତ୍ୱ ବହନ କରୁଥିବା ପତିରାଜପୁର ପଡିଆର ଦୋଳମେଳନ ୧୭୮୦ ମସିହାରୁ ପାଳିତ ହୋଇଆସୁଥିବା କୁହାଯାଏ। କଥିତ ଅଛି ଯେ, ପୂର୍ବକାଳରେ ସାଧୁସନ୍ଥମାନେ ଖଇରାର ପଶ୍ଚିମରେ ଥିବା ବଉଳା ପର୍ବତମାଳାର ପାଦଦେଶବର୍ତ୍ତୀ କୁମ୍ଭାରକ ଗ୍ରାମ(ବର୍ତ୍ତମାନର କୁପାରୀ)ନିକଟସ୍ଥ ତିଶଳପୁରରୁ ବାହାରି ପଥରାଜପୁର ରାସ୍ତା ଦେଇ ପୂର୍ବରେ ଥିବା ଅଟ୍ଟୟର ନଗର(ବର୍ତ୍ତମାନ ଅଡା)କୁ ଯାଉଥିଲେ। ସେହିଭଳି ଉତ୍ତରରେ ନୀଳଗିରି ପର୍ବତଶ୍ରେଣୀର ଦେବଗିରି ପାହାଡ ପାଦଦେଶ ଦନ୍ତୋରରୁ ବୋଧିସତ୍ତ୍ୱ ଅଧ୍ୟୁଷିତ ବଧିଗ୍ରାମ ଏବଂ ଜୈନ ଋଷି ଦିଗ୍‌ନାଗଙ୍କ ଆଶ୍ରମସ୍ଥଳ ଡାଲଙ୍ଗ ଗ୍ରାମ ଦେଇ ଆସିଥିବା ଅନ୍ୟ ଏକ ପଥରେ ଋଷି ମହାତ୍ମାମାନେ ପତିରାଜପୁର ବାଟ ଦେଇ ଦକ୍ଷିଣରେ ଥିବା ସାଳନ୍ଦୀ ତଟବର୍ତ୍ତୀ କାଉପୁରକୁ ଯାତାୟାତ କରୁଥିଲେ। ସାଧୁ ମହାତ୍ମାମାନଙ୍କ ଯାତାୟାତ ଏହି ଦୁଇ ମହାପଥର ମିଳନସ୍ଥଳକୁ ସେତେବେଳେ ପଥରାଜପୁର କୁହାଯାଉଥିଲା। କାଳକ୍ରମେ ଏହା ଅପଭ୍ରଂଶ ହୋଇ ପତିରାଜପୁର ଭାବେ ନାମିତ ହୋଇଆସୁଛି।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୯୯୩୭୯୮୦୭୦୩, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ପୁତୁରା ଠେଙ୍ଗା ମାଡ଼ରେ ଖୁଡ଼ୀ ଗୁରୁତର

**କେନ୍ଦୁଝର,୮।୩ (ସ୍ୱ.ପ୍ର.):** ସଦର ବ୍ଲକ ବୋଦାପଲସା ପଞ୍ଚାୟତ ଝାଡ଼ବେଲଦା ଅଞ୍ଚଳରେ ଜଣେ ପୁତୁରାଙ୍କ ଠେଙ୍ଗା ମାଡ଼ରେ ତାଙ୍କ ଖୁଡି ଯାତ୍ରୀ ମୁଣ୍ଡା(୫୫) ଗୁରୁତର ଆହତ ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ଲାଗି ଭର୍ତ୍ତି କରିଛନ୍ତି। ସେ ତାଙ୍କ ପୁତୁରାଙ୍କୁ ଜୁଆ ନ ଖେଳିବାକୁ ସବୁ ବେଳେ ତାଗିଦ କରୁଥିଲେ। ଏହାକୁ ନେଇ ସେ ଉତ୍ତ୍ୟକ୍ତ ହୋଇ ଏକ ଠେଙ୍ଗାରେ ତାଙ୍କ ଖୁଡ଼ିଙ୍କ ମୁଣ୍ଡକୁ ପିଟିଦେଇଥିଲେ। ପୁତୁରାଜଣଙ୍କ ଉନ୍ମତ୍ତ କାଣ୍ଡ ଘଟାଇ ସେଠାରୁ ଫେରାର ହୋଇଯାଇଥିବା ପରିବାରଲୋକେ କହିଛନ୍ତି।

### ଟ୍ରାକ୍ଟର ଓଲଟି ଶ୍ରମିକ ମୃତ

**ଖଇରା, ୮।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ବରପଦାଠାରେ ଚାଲିଥିବା ବେଆଇନ ମାଙ୍କଡା ଖଣିରେ ଏକ ମାଙ୍କଡା ବୋଝେଇ ଟ୍ରାକ୍ଟର ଓଲଟିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପ୍ରଦୀପ କୁମାର ଜେନା(୩୬) । ତାଙ୍କ ଘର ଖଇରା ଥାନା ଅଧୀନ ହରିପୁର ଗ୍ରାମରେ । ଅପରାହ୍ନରେ ବରପଦାଠାରେ ଚାଲିଥିବା ବେଆଇନ ମାଙ୍କଡା ଖଣିରୁ କ୍ଷମତାଠାରୁ ଅଧିକ ମାଙ୍କଡା ପଥର ବୋଝେଇ କରି ଟ୍ରାକ୍ଟର ଆସୁଥିବା ବେଳେ ହଠାତ୍ ପ୍ରଦୀପଙ୍କ ଉପରେ ତାହା ଓଲଟି ପଡିବାରୁ ସେ ତଲା ତଳେ ଚାପି ହୋଇ ଯାଇଥିଲେ । ପରେ ଜେସିବି ଲଗାଇ ଟ୍ରାକ୍ଟର ଅପସାରଣ କରାଯାଇ ତାଙ୍କୁ ତୁରନ୍ତ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତୁରନ୍ତ ବେଆଇନ ଖଣିଗୁଡିକୁ ବନ୍ଦ କରିବାକୁ ସ୍ଥାନୀୟ ବରପଦା, ହରିପୁର ଗ୍ରାମର ବାସିନ୍ଦା ଦାବି କରିଛନ୍ତି । ଏ ସମ୍ପର୍କରେ ଖଇରା ତହସିଲଦାର ପ୍ରଦୀପ ସାହୁଙ୍କୁ ପଚାରିବାରେ ତାଙ୍କ ଅଧୀନରେ କୌଣସି ଖଣି ନିଲାମ ଦିଆଯାଇ ନ ଥିବା କହିଛନ୍ତି।

### ଭୁଲ ମିଟର ରିଡିଂ ନେଇ ଲୋକେ ହଇରାଣ

**କେନ୍ଦୁଝର, ୮।୩ (ସ୍ୱ.ପ୍ର.)-** କେନ୍ଦୁଝର ଜିଲାରେ ଅନେକ ଅଞ୍ଚଳରେ ଭୂଲ ବିଦ୍ୟୁତ ଦେୟ ବିଲ ପ୍ରଦାନ ଓ ବିଳମ୍ବରେ ବିଲ ଆଦାୟକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ମିଟର ଲାଗିଥିଲେ ହେଁ ଭୂଲ ବିଲ ଯାଉଥିବାରୁ ଅଯଥା ଗ୍ରାହକ ମାନେ ମାନସିକ ଚାପରେ ରହୁଛନ୍ତି । ଖାମଖିଆଲ ଭାବରେ ମିଟର ରିଡିଂ ନିଆଯାଉଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ପ୍ରତ୍ୟେକ ମାସ ନିୟମିତ ବିଲ ଦିଆଯାଉ ନ ଥିବା ଏବଂ ୩/୪ ମାସରେ ଥରେ ବିଲ ଦିଆଯାଉଥିବାରୁ ଉପଭୋକ୍ତାମାନେ ସମସ୍ୟା ଭୋଗୁଛନ୍ତି। ଏହାକୁ ନେଇ ଗତ ଜିଲା ପରିଷଦ ବୈଠକରେ ମଧ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଏସମ୍ପର୍କିତ ପ୍ରଶ୍ନ ଉଠାଇ ନିୟମିତ ଓ ଠିକ ବିଲ ଦେବାକୁ ଆଦେଶ କରିଥିଲେ। ତେବେ ଭୂଲ ବିଲ ଦେଇଆସିଥିବା ସଂସ୍ଥାକୁ ବାହାର କରି ନୂଆ ସଂସ୍ଥାକୁ ଦାୟିତ୍ୱ ଦେବାପାଇଁ କହିଛନ୍ତି।

### 'ଫେରାର ଅଭିଯୁକ୍ତଙ୍କୁ ପୋଲିସ ଜିମା ଦିଅ'

**ଯୋଡ଼ା, ୮।୩(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡା ସହରର ବାଟୁ ହଟିଂଠାରେ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କ ଘରକୁ ଶତାଧିକ ସ୍ଥାନୀୟ ଅଞ୍ଚଳବାସୀ ରବିବାର ଅପରାହ୍ନରେ ଯାଇ ପରିବାର ଲୋକଙ୍କୁ ଭେଟିଥିଲେ। ଏଭଳି ଅସାମାଜିକ କାର୍ଯ୍ୟକଳାପରୁ ନିବୃତ୍ତ ରହିବା ପାଇଁ ଅଭିଯୁକ୍ତଙ୍କୁ ବୁଝାଇ ପୋଲିସ ଜିମା ଦେବା ସକାଶେ ସେମାନେ ତାଙ୍କ ମା'ଙ୍କୁ ଅନୁରୋଧ କରିଥିଲେ। ଗତ ଶୁକ୍ରବାର ବାଟୁ ହଟିଂର ନରସିଂ ମୁଣ୍ଡା ଓ ଚତୁର୍ଭୁଜ ନାଏକଙ୍କୁ ୨ଜଣ ଅଭିଯୁକ୍ତ ଯୁବକ ଭୁଜାଲି ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ଅଛନ୍ତି। ଏଣୁ ଏହି ଫେରାର ଅଭିଯୁକ୍ତଙ୍କୁ ପୋଲିସକୁ ହସ୍ତାନ୍ତର କରିବା ଲାଗି ସ୍ଥାନୀୟ ଅଞ୍ଚଳବାସୀ ପରିବାରବର୍ଗଙ୍କୁ କହିବା ଘଟଣା ଚର୍ଚ୍ଚାକୁ ଆସିଛି।



୩ଟି ନଦୀର ମିଳନ ସ୍ଥଳ

# ପୂର୍ବ ଭାରତର ତ୍ରିବେଣୀ
# ବଳଙ୍ଗ, ଶୋଣ, ଗଙ୍ଗାହାର

**ମାନସ ବିଶ୍ୱାଳ**
**ବାଲେଶ୍ୱର ଅଫିସ,୮।୩**

- ଐତିହ୍ୟର ପୁନରୁଦ୍ଧାର ସାଙ୍ଗକୁ ବିକାଶ ଲକ୍ଷ୍ୟ
- ୯ରୁ ଗଣ ପିତୃତର୍ପଣ ଓ ପିଣ୍ଡଦାନ ମହାଯଜ୍ଞ
- ମହାକୁମ୍ଭ ଆୟୋଜନ ଲାଗି ଉଦ୍ୟମ

ବାଲେଶ୍ୱର ଜିଲା ସଦର ମହକୁମାରୁ ୫ କି.ମି. ଦୂରରେ ବଳଙ୍ଗ, ଶୋଣ, ଗଙ୍ଗାହାର ତିନୋଟି ନଦୀର ସଙ୍ଗମ ସ୍ଥଳ ଅବସ୍ଥିତ। ଉତ୍ତରରୁ ବଳଙ୍ଗ, ଦକ୍ଷିଣରୁ ଶୋଣ ଓ ଦକ୍ଷିଣ ଓ ଉତ୍ତର ମଧ୍ୟରୁ ଗଙ୍ଗାହାର ରେମୁଣା ବ୍ଲକ ମନ୍ଦାରପୁର ପଞ୍ଚାୟତର କାଠସଙ୍ଗଡ଼ା ଗ୍ରାମ ନିକଟରେ ଏକତ୍ର ହୋଇ ସୃଷ୍ଟି କରିଛନ୍ତି ପୂର୍ବଭାରତର ତ୍ରିବେଣୀ ସଙ୍ଗମ। ଏହି ପବିତ୍ର ସ୍ଥାନରେ ମହାକୁମ୍ଭ ଆୟୋଜନ ଲାଗି ତ୍ରିବେଣୀ ତୀର୍ଥ ଉନ୍ନୟନ ପରିଷଦ ପକ୍ଷରୁ ଉଦ୍ୟମ ଜାରି ରହିଛି।

କିମ୍ବଦନ୍ତୀ ଅଛି ଯେ, ବୈଦିକ ଯୁଗରେ ଦଧିଚୀ ଋଷିଙ୍କ ଶିଷ୍ୟ ତଥା ପ୍ରଶ୍ନ ଉପନିଷଦର କର୍ତ୍ତା ଋଷି ପିପ୍ପଳାଦଙ୍କର ମୁଖ୍ୟ ପ୍ରଚାର କେନ୍ଦ୍ର ଥିଲା ଏହି ସ୍ଥାନ । ଏହାର ବିଭବ, ଗରିମା ଓ ମହତ୍ତ୍ୱ କ୍ରମେ ଲୁପ୍ତ ପ୍ରାୟ ଅବସ୍ଥାରେ ଥିଲା। ଆଧ୍ୟାତ୍ମିକ କ୍ଷେତ୍ର ଛଡ଼ା ଏହାର ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ସଭିଙ୍କୁ ଆନମନା କରିଥାଏ। ଏହି ତ୍ରିବେଣୀ ସଙ୍ଗମର ଐତିହ୍ୟକୁ ଲୋକଲୋଚନକୁ ଆଣିବା ପାଇଁ ସ୍ଥାନୀୟ ଲୋକଙ୍କୁ ନେଇ ଗଢାଯାଇଛି ତ୍ରିବେଣୀ ତୀର୍ଥ ଉନ୍ନୟନ ପରିଷଦ । ପ୍ରଥମଥର ଲାଗି ପରିଷଦ ପକ୍ଷରୁ ଆସନ୍ତା ୯ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଗଣ ପିତୃତର୍ପଣ ଓ ପିଣ୍ଡଦାନ ମହାଯଜ୍ଞ ଆୟୋଜନ କରାଯାଉଛି। ଉକ୍ତ ସ୍ଥାନର ଆଧ୍ୟାତ୍ମିକ ଓ ପୌରାଣିକ ମହତ୍ତ୍ୱକୁ ଲୋକ ଲୋଚନକୁ ଆଣିବା ସହ ଅଞ୍ଚଳର ସାମଗ୍ରୀକ ବିକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି।

ବାଲେଶ୍ୱର ଷ୍ଟେଶନରୁ ରେମୁଣା ଗୋଲେଇ ଦେଇ ବାରିପଦା ରାସ୍ତାରେ ଗଲେ ୧୬ନଂ. ଜାତୀୟ ରାଜପଥ ଉପରେ ବୁଢ଼ାବଳଙ୍ଗ ନଦୀର ସେତୁ 'ବାରୁଣୀ ପୋଲ' ଅତିକ୍ରମ କରିବାକୁ ପଡିଥାଏ। ଏହର ପଶ୍ଚିମ ଦିଗକୁ ମାତ୍ର ୧.୫ କି.ମି. ଦୂରରେ ମୟୂରଭଞ୍ଜ ଜିଲା ଶିମିଳିପାଳରୁ ପ୍ରବାହିତ ହୋଇ ଆସିଥିବା ବଳଙ୍ଗ, ଗଙ୍ଗାହାର ଓ ଶୋଣ ନଦୀର ପବିତ୍ର ତ୍ରିବେଣୀ ତୀର୍ଥ ବା ମିଳନ ସ୍ଥଳ ପଡେ। ସ୍ଥାନୀୟ ତ୍ରିବେଣୀ ତୀର୍ଥ ଉନ୍ନୟନ ପରିଷଦର ଆବାହକ ବାବାଜୀ ଦୟାନନ୍ଦ ଦାସ କହନ୍ତି, ଏହି ତୀର୍ଥ ସହ ସନାତନ ଧର୍ମର ପରମ୍ପରା ଓ ବିଶ୍ୱାସ ଜଡିତ । କୁମ୍ଭ ଶବ୍ଦର ଅର୍ଥ ସ୍ନାନଯୋଗ। ଏହି ଯୋଗରେ ଏଭଳି ତୀର୍ଥ ସ୍ଥାନରେ ସ୍ନାନ କଲେ ଅମୃତତ୍ତ୍ୱ ପ୍ରାପ୍ତି ହୁଏ। ଏଠାକାର କାଠସଙ୍ଗଡ଼ା, ହଳଦିଆ ଏବଂ ଦୁମୁଦା ଗ୍ରାମର ଭୌଗୋଳିକ ସୀମାରେ ଏହି ୩ଟି ନଦୀର ସଙ୍ଗମ ତୀର୍ଥରେ ବାରୁଣୀ ସ୍ନାନ ତିଥିରେ ବାରୁଣୀ ମେଳା ଅନୁଷ୍ଠିତ ହୋଇଆସୁଛି। ଅନ୍ୟାନ୍ୟ କର୍ମ ଯଥା ପିଣ୍ଡଦାନ, ଶ୍ରାଦ୍ଧ, ତର୍ପଣ, ଅସ୍ଥି ବିସର୍ଜନ ଆଦି କ୍ରିୟା ପ୍ରାୟ ହେଉ ନ ଥିଲା। ୨୦୧୬ ମସିହାରୁ ଅନେକ ସାଧୁସନ୍ଥ ଏବଂ ବାଲେଶ୍ୱର ଜିଲା ବ୍ରାହ୍ମଣ ମହାସଭାଙ୍କ ଦ୍ୱାରା ଉକ୍ତ କାର୍ଯ୍ୟ ପୁନଃ ପ୍ରବର୍ତ୍ତନ କରାଯାଇଛି। ଏହାର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ଏବେ ମହାକୁମ୍ଭ ପ୍ରକ୍ରିୟା ଆରମ୍ଭ କରାଯାଉଛି। ସ୍ଥାନୀୟ ବାସୀନ୍ଦା କବି ଚକ୍ରଧର ଦାସ କହନ୍ତି, ଏ ଅଞ୍ଚଳର ଆଦିବାସୀମାନେ ମକର ସଂକ୍ରାନ୍ତିରେ ଉକ୍ତ ସ୍ଥାନରେ ପିଣ୍ଡଦାନ କରିଥାନ୍ତି। ପରବର୍ତ୍ତୀ ଅବସ୍ଥାରେ ଏଠି ବାରୁଣୀ ମେଳା ଆୟୋଜିତ ହୋଇ ଆସୁଛି, ଯାହା 'ତେମୁହାଣୀ' ଭାବେ ପ୍ରସିଦ୍ଧ। କବିବର ରାଧାନାଥ ରାୟଙ୍କ 'ଉଷା' କାବ୍ୟରେ ଏସମ୍ପର୍କରେ ବର୍ଣ୍ଣନା ରହିଛି। ଏଭଳି ଏକ ସ୍ଥାନକୁ ପର୍ଯ୍ୟଟନ ବିଭାଗ ଅଣଦେଖା କରିବା ଅଞ୍ଚଳବାସୀଙ୍କୁ ଆଲୋଡିତ କରିଛି। ଏ ସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ଗଗନ ସାହୁଙ୍କୁ ପଚାରିବାରୁ କହିଛନ୍ତି, ତ୍ରିବେଣୀ ସଙ୍ଗମ ଅଞ୍ଚଳ ନେଇ ପର୍ଯ୍ୟଟନ ବିଭାଗକୁ କୌଣସି ଲିଖିତ ଆବେଦନ ଆସି ନାହିଁ। ସ୍ଥାନୀୟ ଲୋକେ ନିର୍ଦ୍ଦିଷ୍ଟ ସ୍ଥାନର ଫଟୋ ଓ ନକ୍ସା ସହ ବିଧିବଦ୍ଧ ଭାବେ ଆବେଦନ କଲେ ବିଚାର କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ।

# ଶ୍ୟାମସୁନ୍ଦରପୁର ସରପଞ୍ଚ ପଦବୀ ଅସିଦ୍ଧ

**ନୂଆ ସରପଞ୍ଚ ହେଲେ ଆଶାଲତା**

**ତିହିଡ଼ି,୮।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତର ସରପଞ୍ଚ ପଦବୀକୁ ଅସିଦ୍ଧ ଘୋଷଣା କରାଯାଇଛି। ଭଦ୍ରକ ସିଭିଲ ଜଜ୍ ଏହି ଘୋଷଣା କରିବା ସହ ପଞ୍ଚାୟତର ନିର୍ବାଚିତ ସରପଞ୍ଚ ଭାବେ ଆଶାଲତା ବାରିକଙ୍କୁ ଘୋଷଣା କରାଯାଇଛି। ସରପଞ୍ଚ ଝରଣା ବାରିକ ୪ଟି ସନ୍ତାନର ଜନନୀ ହୋଇଥିବାରୁ କୋର୍ଟ ପକ୍ଷରୁ ଏହି ରାୟ ଦିଆଯାଇଥିବା ସୂଚନା ମିଳିଛି।

୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଆଶାଲତା ବାରିକ, ଝରଣା ବାରିକ ଓ ଇନ୍ଦ୍ରାଣୀ ବାରିକ ସରପଞ୍ଚ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସରକାରୀ ଭାବେ ଭୋଟ ଗଣତି ପରେ ଆଶାଲତାଙ୍କୁ ୧୧୯୬, ଝରଣାଙ୍କୁ ୧୬୮୬ ଏବଂ ଇନ୍ଦ୍ରାଣୀଙ୍କୁ ୯୭୪ ଖଣ୍ଡ ଭୋଟ ମିଳିଥିଲା। ତିହିଡ଼ି ପଞ୍ଚାୟତ ସମିତି ପକ୍ଷରୁ ଝରଣାଙ୍କୁ ସରପଞ୍ଚ ଭାବେ ଘୋଷଣା କରାଯାଇଥିଲା। ପରେ ଆଶାଲତା ଭଦ୍ରକ ସିଭିଲ ଜଜ୍ କୋର୍ଟ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଆବେଦନ କ୍ରମେ ଏକ ମାମଲା(ନଂ.୮୫/୧୭) ରୁଜୁ ହୋଇ ଏହାର ବିଚାର କରାଯାଇଥିଲା। ଆଶାଲତା ଦର୍ଶାଇଥିଲେ ଯେ, ୧୯୯୪ ପରେ ଝରଣାଙ୍କର ୩ଟି ସନ୍ତାନ ଜନ୍ମ ହୋଇଛନ୍ତି। ପଞ୍ଚାୟତ ନିର୍ବାଚନ ନିୟମକୁ ଉଲ୍ଲଂଘନ କରି ଝରଣା ପ୍ରାର୍ଥୀ ହେବା ସହ ବିଜୟୀ ହୋଇଛନ୍ତି। ତାଙ୍କ ପଦବୀକୁ ଅସିଦ୍ଧ ଘୋଷଣା କରିବାକୁ ଆଶାଲତା ନିବେଦନ କରିଥିଲେ। କୋର୍ଟରେ ଝରଣାଙ୍କ ପିଲାମାନଙ୍କ ଜନ୍ମ ପ୍ରମାଣପତ୍ର ଦାଖଲ କରିଥିଲେ ଆଶାଲତା। ସମସ୍ତ ପ୍ରମାଣପତ୍ର ଓ ସାକ୍ଷ୍ୟ ପରେ ଏହି ପଞ୍ଚାୟତର ସରପଞ୍ଚ ପଦବୀ ଅସିଦ୍ଧ ନେଇ କୋର୍ଟ ରାୟ ପ୍ରକାଶ କରିଛନ୍ତି।

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**କେନ୍ଦୁଝର,୮।୩(ସ୍ୱ.ପ୍ର.)**

ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ତାଳପଦା ଗ୍ରାମର ରମେଶ ଜୁଆଙ୍ଗ(୩୬) ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ରବିବାର ମଧ୍ୟାହ୍ନରେ ଗ୍ରାମ ନିକଟସ୍ଥ ସାପୁନାଥ ଜଙ୍ଗଲକୁ ସେ ବଣ ଆଳୁ ଖୋଳିବାକୁ ଯାଇଥିଲେ। ସେତେବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ରମେଶ ସାହାସର ସହିତ ଲଢ଼ି ଭାଲୁର ଦୁଇଗୋଡ଼କୁ ଧରି କଚାଡ଼ି ଦେଇଥିଲେ। ତାଙ୍କ ସାଥିରେ ଯାଇଥିବା ୨ଟି କୁକୁର ଭୁକିବାରୁ ଭାଲୁଟି ସେଠାରୁ ପଳାଇଥିଲା। ଆହତ ରମେଶଙ୍କୁ ଦୈତାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ ୧୦୮ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।





କରୋନା ଦ୍ୱାରା ସମଗ୍ର ବିଶ୍ୱ କବଳିତ ରହିଥିବା ବେଳେ ସଦର ବ୍ଲକ ଟିକରପଡ଼ା ଗ୍ରାମର ବାଲୁକାକଳା ଶିଳ୍ପୀ ନିଶିକାନ୍ତ ବେହେରା ଭୟଭୀତ ନ ହୋଇ ସତର୍କତା ଅବଲମ୍ବନ କରିବାକୁ ବାଲୁକା କଳା ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଛନ୍ତି । *(ଫଟୋ : ନରେଶ ପଟ୍ଟନାୟକ)*

### ଟ୍ରକ ଧକ୍କାରେ ଜୀବନ ଗଲା

**ଢେଙ୍କିକୋଟ, ୮।୩(ଡି.ଏନ.ଏ.)-** କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଖଣ୍ଟଘର ପଞ୍ଚାୟତ ପାରାଭାଡି ସାହି ନିକଟ ୨୦ନଂ. ଜାତୀୟ ରାଜପଥରେ ରାତିସାଢେ ୭ଟା ବେଳେ ଏକ ଟ୍ରକ ଧକ୍କା ଦେବାରୁ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାରାଭାଡି ସାହିର ସୁରେନ୍ଦ୍ର କୁମାର ନାୟକ(୬୦)। ସେ ଢେଙ୍କିକୋଟ ସାପ୍ତାହିକ ହାଟକୁ ଯାଇ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକେ ଖବର ପାଇ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ପଠାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଗାଁ ଥାନା ପୋଲିସ ରବିବାର ଡାକ୍ତରଖାନା ପରିସରରୁ ମୃତଦେହ ଜବତ କରି ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ କରୁଥିବା କହିଛି।

# 'ସ୍ୱାବଲମ୍ବୀ ହେବା, ସୁରକ୍ଷିତ ରହିବା'

**ଆନନ୍ଦପୁର, ୮।୩ (ସ୍ୱ.ପ୍ର.)**

ଆନନ୍ଦପୁର ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ଆନନ୍ଦପୁର ମହାବିଦ୍ୟାଳୟ ସଭାଗୃହରେ ଆନ୍ତର୍ଜାତିକ ମହିଳା ଦିବସ ରବିବାର ପାଳିତ ହୋଇଯାଇଛି। ଆନନ୍ଦପୁର ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ରଞ୍ଜନ କୁମାର ସୂତାରଙ୍କ ସଭାପତିତ୍ୱରେ ଏହି ମହିଳା ଦିବସ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଆନନ୍ଦପୁର କୋର୍ଟର ଏସଡିଜେଏମ ଶିବାନୀ ଆଚାର୍ଯ୍ୟ, ଜେଏମଏଫସି ସୁପ୍ରଭା କୁଣ୍ଡୁ, ଆନନ୍ଦପୁର ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ ଦିଲୀପ କୁମାର ଦାଶ, ବରିଷ୍ଠ ଆଇନଜୀବୀ ମହେନ୍ଦ୍ର ମହାପାତ୍ର, ଅଧ୍ୟାପକ ଡଃ କମଳିନୀ ପାଣିଗ୍ରାହୀ, ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରମାକାନ୍ତ ନାୟକ, ଆଇନଜୀବୀ ଭାଗୀରଥି ଦାସ ପ୍ରମୁଖ ଯୋଗଦେଇ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଲେ ସୁରକ୍ଷିତ ରହିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହା ସହିତ ମହିଳାମାନଙ୍କ ଅଧିକାର, ବାଲ୍ୟବିବାହଠାରୁ ଦୂରେଇ ରହିବା, ନାରୀ ନିର୍ଯାତନା ଏବଂ ଏହାର ଦଣ୍ଡବିଧି ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ତାଲୁକ ଆଇନସେବା ସମିତି ସଦସ୍ୟ ତଥା ଆଇନଜୀବୀ ବାଇଧି ସେଠୀ ସଭାପରିଚାଳନା କରିଥିବାବେଳେ ତାଲୁକ ଆଇନ ସେବା ସମିତିର କର୍ମଚାରୀ ଏବଂ ପିଏଲ୍‌ଭି ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଗଳାପୋଲ ରାସ୍ତା ଶୋଚନୀୟ





ରାଇସୁଆଁ ଅଣ୍ଡର ପାସ୍ ରାସ୍ତାରେ ବର୍ଷା ପାଣି ଜମିରହିଛି।

**କେନ୍ଦୁଝର, ୮।୩(ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ଠାରେ ୨୦ ନମ୍ବର ଜାତୀୟ ରାଜପଥ ଓଭରବ୍ରିଜର ଅଣ୍ଡରପାସ ରାସ୍ତାରେ ବର୍ଷା ହେଲେ ବର୍ଷାଜଳ ନିଷ୍କାସନ ହୋଇ ପାରି ନ ଥିବାରୁ ପାଣି ଜମି ରହୁଛି। ଫଳରେ ଯାତାୟାତରେ ବହୁ ସମସ୍ୟା ଦେଖାଦେଉଛି। ସେହି ରାସ୍ତାରେ ଭାରିଯାନ ଚଳାଚଳ କରି ରାସ୍ତାରେ ଖାଲ ଢିପ ସୃଷ୍ଟି ହୋଇଛି ଲଗାଣ ବର୍ଷାରେ ଆଣ୍ଠୁଏ ପାଣି ଜମୁଛି। ସେଠାରେ ସରକାରୀ ବେସରକାରୀ ଉଚ୍ଚ ବିଦ୍ୟାଳୟ କଲେଜ ଆର୍ ଆଇ ଅଫିସ ଚିକିତ୍ସାକେନ୍ଦ୍ର ଧାର୍ମିକ ମନ୍ଦିର ରହିଛି। ତେବେ ଏହି ରାସ୍ତାଦେଇ ୧୦୮ ଆମ୍ବୁଲାନ୍ସ, ସ୍କୁଲ ଓ କଲେଜର ଛାତ୍ରୀଛାତ୍ର, ଶହ ଶହ ଜନସାଧାରଣ ସେହି ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ସେହିପରି ବାଲିଆଗୁଡା ନିକଟରେ ଉକ୍ତ ରାସ୍ତାରେ ଥିବା ଅଣ୍ଡରପାସ ରାସ୍ତା ଖାଲଖମା ହୋଇ ବର୍ଷା ପାଣି ଜମି ବିପଦସଙ୍କୁଳ ଅବସ୍ଥାରେ ରହିଛି। ମରାମତି ହେଉ ନାହିଁ। ବହୁବାର ଏହି ସମସ୍ୟା ବିଷୟରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ପ୍ରଭାବ ପଡ଼ିନାହିଁ। ସେଠାରେ ରାସ୍ତା ନିର୍ମାଣ କରୁଥିବା କର୍ତ୍ତୃପକ୍ଷ ଡ୍ରେନ ନିର୍ମାଣ ନ କରି ଛାଡ଼ିଦେଇଛନ୍ତି। ତୁରନ୍ତ ରାସ୍ତା ମରାମତି କରିବା ସହ ଡ୍ରେନ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# 'ଭାଷା ସାହିତ୍ୟ ଦେବ ସମାଜକୁ ଦିଗ୍‌ଦର୍ଶନ'

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର ୮।୩**

ଚଳିତ ବର୍ଷ ମର୍ଯ୍ୟାଦା ସମ୍ପନ୍ନ ପଦ୍ମଶ୍ରୀ ସମ୍ମାନ ପାଇବା ଲାଗି ଡ଼. ଦମୟନ୍ତୀ ବେଶ୍ରାଙ୍କ ନାମ ଘୋଷଣା ହୋଇଛି। ସେ କେନ୍ଦୁଝର ଜିଲାର ବୋହୂ। ତାଙ୍କ ଜନ୍ମସ୍ଥାନ ମୟୂରଭଞ୍ଜ ଜିଲାରେ। ସମ୍ପ୍ରତି ବାରିପଦା ସ୍ଥିତ ଏମପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଓଡିଆ ବିଭାଗ ମୁଖ୍ୟ (ଏଚଓଡି) ଭାବେ କାର୍ଯ୍ୟରତ ଅଛନ୍ତି। ପୂର୍ବରୁ ୨୦୦୯ରେ କବିତା କୃତୀ ସକାଶେ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ଉଭୟ ଓଡ଼ିଆ ଓ ସାନ୍ତାଳୀ ଭାଷାରେ ଲେଖନୀ ଚାଳନା କରି ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଗତ ଜାନୁୟାରୀ ୨୫ ତାରିଖରେ କେନ୍ଦ୍ର ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନ ଦେବାକୁ ଘୋଷଣା କରିବା ପରେ ବିଭିନ୍ନ ମହଲରୁ ଦମୟନ୍ତୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଆଗକୁ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା କିପରି ଆଗେଇ ପାରିବ ସେ ଦିଗରେ କାର୍ଯ୍ୟ କରିବା ସହ ଲେଖାଲେଖି ମାଧ୍ୟମରେ ସମାଜକୁ ନୂତନ ଦିଗଦର୍ଶନ ଦେବାକୁ ଉଦ୍ୟମ ଜାରି ରଖିବେ ବୋଲି ଧରିତ୍ରୀକୁ ଏକ ସାକ୍ଷାତକାରରେ କହିଛନ୍ତି।

ପଦ୍ମଶ୍ରୀ ସମ୍ମାନ ଘୋଷଣା ନେଇ ଦମୟନ୍ତୀ ତାଙ୍କ ପ୍ରତିକ୍ରିୟାରେ ଖୁସି ବ୍ୟକ୍ତ କରି କହିଥିଲେ, ଭାଷା ଓ ସାହିତ୍ୟ ପ୍ରତି ଅଧ୍ୟବସାୟ ଓ ଶିକ୍ଷା ପାଇଁ ତାଙ୍କୁ ଏହି ସମ୍ମାନ ମିଳିପାରିଛି। ବହୁ ଆଗରୁ ସେ ଲେଖାଲେଖି କରୁଥିଲେ। ୧୯୯୪ରେ ପ୍ରଥମ ପୁସ୍ତକ ପ୍ରକାଶ ପାଇଥିଲା। ଆଦିବାସୀ ସଂସ୍କୃତି, ଭାଷା, ସାହିତ୍ୟ ଓ ପରମ୍ପରା ଉପରେ ସେ ଅଧିକ ଲେଖାଲେଖି କରିଛନ୍ତି। ଅଦ୍ୟାବଧି ସାନ୍ତାଳୀ ଭାଷାରେ ୨୦ ଖଣ୍ଡ ଓ ଓଡିଆରେ ୮ ଖଣ୍ଡ ବହି ପ୍ରକାଶିତ ହୋଇଛି। ଅନେକ ପୁସ୍ତକ ଅନୁବାଦ କରିବା ସହ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ପୁସ୍ତକ ସମ୍ପାଦନା କରିଛନ୍ତି। ନ୍ୟାଶନାଲ ବୁକ ଟ୍ରଷ୍ଟ ପାଇଁ ମଧ୍ୟ କାମ କରୁଛନ୍ତି। ଚାକିରି ଆଉ ୨ ବର୍ଷ ରହିଲା। ପରେ ସେ ଲେଖାଲେଖି କରି ଏହା ମାଧ୍ୟମରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି । ଗୁଣାତ୍ମକ ଭାଷା ସାହିତ୍ୟ ଆଜିର ସମାଜକୁ ଦିଗ୍‌ଦର୍ଶନ ଦେବାକୁ ସମର୍ଥ ବୋଲି ସେ ମତବ୍ୟକ୍ତ କରିଥିଲେ।



ଡ଼. ଦମୟନ୍ତୀ ବେଶ୍ରା

**ଭାଷା ଓ ସାହିତ୍ୟ ପ୍ରତି ଅଧ୍ୟବସାୟ ଓ ଶିକ୍ଷା ଲାଗି ପଦ୍ମଶ୍ରୀ ସମ୍ମାନ ଏକ ସ୍ୱୀକୃତି-ଦମୟନ୍ତୀ**

### ସରଳ ଜୀବନଧାରା

ସାନ୍ତାଳୀ ସମ୍ପ୍ରଦାୟରେ ଜନ୍ମିତ ଦମୟନ୍ତୀଙ୍କ ଜୀବନଧାରା ଯେମିତି ସରଳ ସେମିତି ଅମାୟିକ। ପିଲାଦିନୁ ନାଚଗୀତ ପ୍ରତି ଆକର୍ଷଣ ରହିଛି। ପ୍ରତିଦିନ ସକାଳୁ ଉଠିଲା ପରେ ଲେଖାଲେଖି କରିଥାନ୍ତି। ଛୁଟି ଦିନରେ ସମୟ ପାଇଲେ କାଗଜ କଲମ ଧରି ବସିପଡନ୍ତି । ସ୍ୱାମୀ ଓ ଝିଅପୁଅଙ୍କୁ ନେଇ ତାଙ୍କ ପରିବାର। ତାଙ୍କ ଶାଶୁଘର କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଦନାର୍ଦ୍ଦନପୁର ଗ୍ରାମରେ। ସ୍ୱାମୀ ଗଙ୍ଗାଧର ହାଁସଦା ବ୍ୟାଙ୍କ ଚାକିରିରୁ ଅବସର ନେଇଛନ୍ତି । ସେ ଜଣେ ସୁନାମଧନ୍ୟ ଲେଖକ। ଉପନ୍ୟାସ, ଗଳ୍ପ, ନାଟକ, ପ୍ରବନ୍ଧ ମିଶାଇ ପ୍ରାୟ ୧୪ଟି ବହି ଲେଖିଛନ୍ତି। ୨୦୧୧ରେ ଗଳ୍ପ ସଂକଳନ ଲାଗି ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ଗଙ୍ଗାଧର ମଧ୍ୟ ସାନ୍ତାଳୀ ଭାଷା ସାହିତ୍ୟ ଏକାଡେମୀର କନଭେନର ଥିଲେ। ଦମୟନ୍ତୀଙ୍କ ପୁଅ ରାଜ୍ୟ ସରକାର ଅଧୀନରେ ମୟୂରଭଞ୍ଜ ଜିଲା ସାରସକଣା ବ୍ଲକରେ ଡବ୍ଲୁଇଓ ଚାକିରି କରୁଥିବା ବେଳେ ଝିଅ ନୂଆଦିଲ୍ଲୀ ସ୍ଥିତ ଜେଏନୟୁରେ ଏମଫିଲ କରୁଛନ୍ତି । ଶେଷରେ ଦମୟନ୍ତୀ କହିଥିଲେ, ସାନ୍ତାଳୀ ସମ୍ପ୍ରଦାୟର ଭାଇଭଉଣୀମାନେ କିପରି ଆଗକୁ ବଢିପାରିବେ ଓ ଭାଷା, ସାହିତ୍ୟ ଓ ସଂସ୍କୃତି, ପରମ୍ପରା ଆଗେଇ ପାରିବ ତାହା ତାଙ୍କର ସ୍ୱପ୍ନ ଓ ଅନୁଚିନ୍ତା। ଏଥିସହ ଓଡିଆ ଭାଷା ଓ ସାହିତ୍ୟର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ସେ ମଧ ପ୍ରୟାସ ଜାରି ରଖିଛନ୍ତି।

## ସଂକ୍ଷେପରେ

### ଜଙ୍ଗଲରେ ଗୁଟ୍‌ଖା ବସ୍ତା



**ପରଜଙ୍ଗ, ୮।୩(ଡି.ଏନ.ଏ.)**
ପରଜଙ୍ଗ ବ୍ଲକ କୁଆଲୋ ପଞ୍ଚାୟତ ଅଧୀନ ପରମହଂସପୁର ଗ୍ରାମ ନିକଟ ଜଙ୍ଗଲରେ ବସ୍ତା ବସ୍ତା ଗୁଟ୍‌ଖା ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଛି। ଉକ୍ତ ଗୁଟ୍‌ଖା ଜାନୁୟାରୀରେ ତିଆରି ହୋଇଥିବା ଏହାର ପ୍ୟାକେଟ୍‌ରେ ଦର୍ଶାଯାଇଛି। ପାଖାପାଖି ୫ ବସ୍ତା ଗୁଟ୍‌ଖାରେ ନିଆଁ ଲଗାଇ ଦିଆଯାଇଥିଲା। ତେବେ ବର୍ଷା ହୋଇଯିବାରୁ ସେଗୁଡ଼ିକ ଦରପୋଡ଼ା ଅବସ୍ଥାରେ ପଡ଼ିରହିଛି। ଅନ୍ୟପଟେ କେତେଜଣ ବ୍ୟକ୍ତି ୧୦ରୁ ଉର୍ଦ୍ଧ୍ୱ ବସ୍ତା ଗୁଟ୍‌ଖା ନେଇଯାଇଥିବା ଚର୍ଚ୍ଚା ହେଉଛି। ତେବେ ଜଙ୍ଗଲକୁ ଗୁଟ୍‌ଖା କିପରି ଆସିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ପାଇ ପୋଲିସ ପହଞ୍ଚି ୧୦ ବସ୍ତା ଗୁଟ୍‌ଖା ଜବତ କରି ତଦନ୍ତ ଆରମ୍ଭ କରିଛି।

### ବିଷାକ୍ତ ଛତୁ ତରକାରି ଖାଇ ୫ ଅସୁସ୍ଥ

**କାମାକ୍ଷାନଗର, ୮।୩(ଡି.ଏନ.ଏ.):**
ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାମ ପଞ୍ଚାୟତ ଅଧୀନ ବାଉଁଶମୁଣ୍ଡା ଗ୍ରାମରେ ରବିବାର ବିଷାକ୍ତ ଛତୁ ତରକାରି ଖାଇ ୫ଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନେ ହେଲେ ଚୁନୁ ହାସଁଦା (୧୮), ମାଳତୀ ହାସଁଦା (୨୫), ମୁନା ହାସଁଦା (୧୨), ତାରିଣୀପଶି ଗ୍ରାମର କାହ୍ନୁ ହେମ୍ବ୍ରମ (୩୧) ଏବଂ ତାଙ୍କ ପୁଅ ରାଜା ହେମ୍ବ୍ରମ (୨)। ସମସ୍ତଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, କାହ୍ନୁ ସ୍ତ୍ରୀ ସୁକାନ୍ତି ଏବଂ ପୁଅ ରାଜାଙ୍କ ସହ ବାଉଁଶମୁଣ୍ଡାସ୍ଥିତ ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ। କାହ୍ନୁ ଏବଂ ସୁକାନ୍ତି ଜଙ୍ଗଲକୁ ଯାଇ ଅଦିନିଆ ବର୍ଷାରେ ଫୁଟିଥିବା ଛତୁ ଆଣିଥିଲେ। ସୁକାନ୍ତିଙ୍କ ଭାଉଜ ମାଳତୀ ଛତୁ ରୋଷେଇ କରିଥିଲେ। ସମ୍ପୃକ୍ତ ୫ଜଣ ଛତୁ ତରକାରି ଖାଇଥିଲେ। କିଛି ସମୟ ମଧ୍ୟରେ ସେମାନଙ୍କ ନିକଟରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥିଲା। ଏହାପରେ ଜଣ ଜଣ କରି ସମସ୍ତେ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ପରେ ସମସ୍ତଙ୍କ ଅବସ୍ଥା ସ୍ଥିର ଥିବା ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି।

### କୁସଂସ୍କାର ଦୂର ଉପରେ ଗୁରୁତ୍ୱ



**ଭୁବନ, ୮।୩(ଡି.ଏନ.ଏ.):**
ଭୁବନ ବାଜି ରାଉତ କଲେଜ ପରିସରରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଏନ୍‌ସିସି, ଏନ୍‌ଏସ୍‌ଏସ୍, ଉନ୍ନତ ଭାରତ ଅଭିଯାନ, ଯୁବ ରେଡ୍‌କ୍ରସ୍, ସ୍କାଉଟ୍ସ, ଗାଇଡ୍ସର ସ୍ୱେଚ୍ଛାସେବୀମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ମହିଳାମାନେ ଆଗେଇ ଆସିଲେ କୁସଂସ୍କାର ଦୂର ହେବ ବୋଲି ମତପ୍ରକାଶ ପାଇଥିଲା। ଅଧ୍ୟାପକ ଅଲେଖ ଚନ୍ଦ୍ର ପାତ୍ର, ସୁଶାନ୍ତ ବେହେରା ଛାତ୍ରୀଙ୍କ ମାର୍ଗଦର୍ଶନ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ନିଜକୁ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ।

### ରୋବୋଟିକ୍ କର୍ମଶାଳା




**ଢେଙ୍କାନାଳ ଅଫିସ, ୮।୩:**
ରାସୋଳ ହାଇସ୍କୁଲରେ ଶନିବାର ରୋବୋଟିକ୍ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ କାରିଗରି ବିଭାଗ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ସରକାରୀ ଇଞ୍ଜିନିୟରିଂ କଲେଜର ଅଧ୍ୟାପକ ଅଶୋକ କୁମାର ଭୋଇ, ସହଯୋଗୀ ଡ. ବସନ୍ତ କୁମାର ସ୍ୱାଇଁ, ପ୍ରଫେସର ଚିତ୍ତରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ଆଧୁନିକ ସମୟରେ ରୋବୋ ସମ୍ପର୍କିତ ଜ୍ଞାନକୌଶଳ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ବହୁ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

# ୧୮,୦୩୬ ପ୍ରକଳ୍ପକୁ ଅନୁମୋଦନ

**ଢେଙ୍କାନାଳ ଅଫିସ, ୮।୩**



ବୈଠକରେ ମନ୍ତ୍ରୀ, ବିଧାୟକଙ୍କ ସମେତ ଅନ୍ୟମାନେ।

**ଆମ କୃଷି କାର୍ଯ୍ୟକ୍ରମର ସ୍ୱତନ୍ତ୍ର ବୈଠକ**
- ଖର୍ଚ୍ଚ ହେବ ୩୮୩୮୨.୧୨ କୋଟି
- ଯୋଜନାର ସ୍ୱଚ୍ଛତା ଉପରେ ଗୁରୁତ୍ୱ
- ମାଛଚାଷ ପୋଖରୀ ପାଇଁ ୫୦% ସବ୍‌ସିଡି

ରାଜ୍ୟ ସରକାର ଚାଷୀ ଓ ଚାଷର ବିକାଶ ଲାଗି ଫୋକସ କରୁଛନ୍ତି। କୃଷିକ୍ଷେତ୍ରରେ ଉତ୍ପାଦନ ଏବଂ ଚାଷୀଙ୍କ ଆୟ ବୃଦ୍ଧି ଲାଗି ଆମ କୃଷି ଯୋଜନା କାର୍ଯ୍ୟକାରୀ କରାଯାଇଛି। ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସକ୍ରିୟ ହେଲେ କୃଷିଭିତ୍ତିକ ଯୋଜନାର ସୁଫଳ ମିଳିବ। ଯୋଜନା ପ୍ରଣୟନ ବେଳେ ଅଧିକାରୀମାନେ ସ୍ୱଚ୍ଛତା ପ୍ରତି ସଚେତନ ହେଲେ କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇପାରିବ ବୋଲି କହିଛନ୍ତି ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ଆମ କୃଷି କାର୍ଯ୍ୟକ୍ରମର ସ୍ୱତନ୍ତ୍ର ସାଧାରଣ ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷା ମିନତି ନାୟକ ଏଥିରେ ଅଧ୍ୟକ୍ଷତା କରି ଆମ କୃଷି ଯୋଜନାର ସଫଳ ରୂପାୟନ ଲାଗି ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

ଏହି ଅବସରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ଆର୍ଥିକ ବର୍ଷ ପାଇଁ ୩୮୩୮୨.୧୨ କୋଟି ଟଙ୍କା ବ୍ୟୟରେ ୧୮,୦୩୬ ପ୍ରକଳ୍ପ ଅନୁମୋଦିତ ହୋଇଥିଲା। ସେହିପରି ମହାତ୍ମା ଗାନ୍ଧୀ ଗ୍ରାମ୍ୟ ସଡ଼କ ଯୋଜନାର ଫେଜ୍-୩ ଅଧୀନରେ ବସ୍ତି, ଗ୍ରାମୀଣ କୃଷି ବଜାର, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡାକ୍ତରଖାନାକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିସହ ଫାର୍ମ ପଣ୍ଡ୍ ମାଧ୍ୟମରେ ଚାରାରୋପଣ, ପରିବା ଚାଷ, ଗୋ-ସମ୍ପଦର ଅଭିବୃଦ୍ଧି, ଘାସଚାଷ, କୁକ୍କୁଡ଼ା ଚାଷ, ଛେଳି ପାଳନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମାଛ ଚାଷ ପାଇଁ ନୂଆ ପୋଖରୀ ଯୋଜନାରେ ୫୦% ସବ୍‌ସିଡି ଦିଆଯାଉଛି। ଜିଲାର ୮୦ ସମବାୟ ସମିତି ମାଧ୍ୟମରେ ବିହନ, ଧାନ ବଣ୍ଟାଯାଉଛି। ରାସ୍ତା କଂକ୍ରିଟ କରିବାକୁ ପ୍ରତି ବିଧାୟକଙ୍କୁ ୫୦ ଲକ୍ଷ ଟଙ୍କା ଲେଖାଏ ଖର୍ଚ୍ଚ କରିବାକୁ କ୍ଷମତା ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା। ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ଚାଷୀଙ୍କୁ ଠିକ୍ ସମୟରେ ବିହନ ଯୋଗାଇଦେବା, ମାଛ ଯାଆଁଳ ଚାଷ କରିବାକୁ ଅଗ୍ରାଧିକାର ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା ପ୍ରମୁଖ ବିଭିନ୍ନ କୃଷିଭିତ୍ତିକ ଯୋଜନା ଉପରେ ଆଲୋକପାତ କରିଥିଲେ। ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର କରୋନା ସଂକ୍ରମଣ ରୋଗୀଙ୍କ ପାଇଁ ଉପଲବ୍ଧ ଚିକିତ୍ସା ଉପରେ ସୂଚନା ଦେଇଥିଲେ।

ବୈଠକରେ ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ସମବାୟ ସମିତି ଉପନିବନ୍ଧକ ସଂଗ୍ରାମ କେଶରୀ ରାଉତ, ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଆଶିଷ ବିଶ୍ୱାଳ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଭଗବାନ ଦାସ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫୁଲ୍ଲ ପଢିଆରୀ, ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଜିଲା ପରିଷଦ ସଦସ୍ୟ, ବ୍ଲକ ଅଧ୍ୟକ୍ଷଙ୍କ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।

## ନାଟକରେ ନାରୀ ସଂଘର୍ଷର କାହାଣୀ

**ଢେଙ୍କାନାଳ ଅଫିସ, ୮।୩**

ନାରୀ ହେଉଛି ସର୍ବଂସହା। ସେ ସହନଶୀଳତାର ମୂର୍ତ୍ତିମନ୍ତ ବିଗ୍ରହ। ସକାଳୁ ଆରମ୍ଭ ହୁଏ ଜଣେ ମହିଳାର ସଂଘର୍ଷ। ସମସ୍ତଙ୍କୁ ସବୁବେଳେ ଖୁସି ରଖିବାକୁ ଚେଷ୍ଟା କରୁଥିବା ନାରୀଙ୍କ ମନର କଥା ସତରେ କ'ଣ ବୁଝିପାରନ୍ତି ଅନ୍ୟମାନେ? ବିଶ୍ୱ ମହିଳା ଦିବସ ଉପଲକ୍ଷେ ଢେଙ୍କାନାଳ ଆଇନ କଲେଜରେ ଏପରି ଏକ ଭିନ୍ନ ସ୍ୱାଦର କାହାଣୀକୁ ନେଇ ମଞ୍ଚସ୍ଥ ହୋଇଥିଲା ନାଟକ। ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ନିଖୁଣ ଅଭିନୟ ବେଶ୍ କରତାଳି ସାଉଁଟିଥିଲା।

ଏହି ଉପଲକ୍ଷେ ଅଧ୍ୟକ୍ଷ ଡ. ବିଜୟ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ନାରୀର ଭୂମିକା, କର୍ତ୍ତବ୍ୟ, ଅବଦାନ ଏବଂ ପ୍ରତି କ୍ଷେତ୍ରରେ ସେମାନଙ୍କ ଉପରେ ହେଉଥିବା ଶୋଷଣ ଉପରେ ଆଲୋଚନା କରାଯାଇଥିଲା। ଏଲ୍‌ଏଲ୍‌ବି ଏବଂ ଏଲ୍‌ଏଲ୍‌ଏମ୍ ଛାତ୍ରୀଛାତ୍ରମାନେ ଆଲୋଚନାରେ ଭାଗନେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଏଥିସହ ଛାତ୍ରୀମାନେ କଲେଜ ପରିସରରେ ଚାରା ରୋପଣ କରିଥିଲେ। ଅଧ୍ୟାପକ ଜ୍ଞାନରଞ୍ଜନ ମିଶ୍ର, ଅମରେନ୍ଦ୍ର ତାରେଣିଆ, ଡ. ବିଭୁପ୍ରସାଦ ପଟ୍ଟନାୟକ, ଅଧ୍ୟାପିକା ପ୍ରିୟଦର୍ଶିନୀ ସାମନ୍ତରାୟ, ଦୀପ୍ତିମୟୀ ରାଉତଙ୍କ ସମେତ ବହୁ ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ। ଛାତ୍ର ମନୋଜ ପୃଷ୍ଟି ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଅତିଥିମାନେ।

## ମଦ ବନ୍ଦ କରିବାକୁ ସଂକଳ୍ପ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୮।୩**

ଓଡ଼ାପଡ଼ା ବ୍ଲକ ଘଟିପିରି ଅଞ୍ଚଳରେ ସ୍ତ୍ରୀ ଶକ୍ତି ଅନୁଷ୍ଠାନ ପକ୍ଷରୁ ରବିବାର ମହିଳା ଦିବସ ଅବସରରେ ମଦ ବନ୍ଦ କରିବାକୁ ସଂକଳ୍ପ ନିଆଯାଇଛି। ବନିତା ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଦ୍ରକର ରଞ୍ଜନା ମଣ୍ଡଳ, ସମାଜବାଦୀ ନେତା ସରୋଜ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଧୈର୍ଯ୍ୟ, ସହନଶୀଳ ହେଲେ ମହିଳାମାନେ ଆଗକୁ ବଢ଼ିପାରିବେ। ଅଧିକାଂଶ ଅପରାଧର ପ୍ରମୁଖ କାରଣ ହେଉଛି ମଦ। ମଦ ଯୋଗୁ ପରିବାର ଭାଙ୍ଗିଯାଉଛି। ତେବେ ରାଜ୍ୟ ସରକାର ମଦକୁ ପ୍ରୋତ୍ସାହନ ଦେବା ପରିତାପର ବିଷୟ ବୋଲି ଅତିଥିମାନେ କ୍ଷୋଭବ୍ୟକ୍ତ କରିଥିଲେ। ଏହି ଅବସରରେ ଶକ୍ତି କ୍ରିଷ୍ଣା, ମା' ମଙ୍ଗଳା, ସିଦ୍ଧ ଭୈରବୀ, ଅମ୍ବିକା, ମା' ସନ୍ତୋଷୀ, ଆଦି ମା' ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା। ମିଳିତ ନିଶା ନିବାରଣ ଅଭିଯାନର ସମ୍ପାଦକ ରମାକାନ୍ତ ମଣ୍ଡଳ, ସଂଯୁକ୍ତା ମୁଦୁଲି, ମଲ୍ଲି ମହାପାତ୍ର, କାଞ୍ଚନ ସାହୁ, ରୀନା ପାତ୍ର, ମଧୁମିତା ପଣ୍ଡା, ଆଶାମଣି ସାହୁ, ହେମଲତା ଦାସ, ବନିତା ପ୍ରଧାନ, ଜେମା ପ୍ରଧାନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଦେଇଥିଲେ।

## ସମନ୍ୱୟ ରହିଲେ ଉଚ୍ଚଶିକ୍ଷାର ବିକାଶ ହେବ

**ଢେଙ୍କାନାଳ ଅଫିସ, ୮।୩**




କାର୍ଯ୍ୟକାରିଣୀ ବୈଠକରେ ସଂଘର କର୍ମ କର୍ତ୍ତାମାନେ।

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ରବିବାର ଓଡ଼ିଶା ସରକାରୀ କଲେଜ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ପ୍ରଫେସର ରଶ୍ମି ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ସଂଘର ନବନିର୍ବାଚିତ ସଭାପତି ଡ. ମାନସ ବେହେରା ଯୋଗଦେଇ କହିଲେ, ଉଚ୍ଚଶିକ୍ଷାର ବିକାଶରେ ସରକାରୀ କଲେଜ କର୍ମଚାରୀଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ। ସରକାରଙ୍କ ୫-ଟି ଆଭିମୁଖ୍ୟ ସାକାର କରିବାକୁ ଅଧ୍ୟାପିକାଅଧ୍ୟାପକମାନେ ବଦ୍ଧପରିକର। ଖୁବ୍‌ଶୀଘ୍ର ଅଧ୍ୟାପକଙ୍କ ସମସ୍ୟା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସାଧାରଣ ସମ୍ପାଦକ ଡ. ଦେବାଶିଷ ମହାନ୍ତି କହିଲେ, ସରକାର, ଶିକ୍ଷକ, ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଉଚ୍ଚଶିକ୍ଷାର ବିକାଶ ସମ୍ଭବ। ସଂଘର ନିର୍ବାଚନ ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିଥିବାରୁ ଡ. ଦେବେନ୍ଦ୍ରନାଥ ବେହେରା, ଡ. କୈଳାସ ଚନ୍ଦ୍ର ଦାସ, ଡ. ଅରୁଣ କୁମାର ସାମଲ, ଡ. ରଜତ କୁମାର ମାନସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ.ରମେଶ ଚନ୍ଦ୍ର ବେହେରା, ଡ. ରଣଜିତ ପ୍ରଧାନ, ଅଧ୍ୟାପିକା ସୌମ୍ୟା ନନ୍ଦ, ମଞ୍ଜୁଲିକା ନାୟକ, ରଜନୀକାନ୍ତ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଦ୍ୱିତୀୟ ଅଧିବେଶନରେ ସଂଘର ସାଙ୍ଗଠନିକ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। କନିଷ୍ଠ ଅଧ୍ୟାପକଙ୍କୁ ୟୁଜିସି ହାରରେ ଦରମା ପ୍ରଦାନ, ଏକକ କ୍ୟାଡର ନିୟମ ଲାଗୁ, ଆସୋସିଏଟ୍ ପ୍ରଫେସର ପଦକୁ ପଦୋନ୍ନତି ଆଦି ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ସଂଘ ଉପସଭାପତି ଡ. ରବୀନ୍ଦ୍ରକୁମାର ପ୍ରଧାନ, ସହସମ୍ପାଦକ ଡ. ବିଶ୍ୱଜିତ ପ୍ରଧାନ, କୋଷାଧ୍ୟକ୍ଷ ଅଭିଷେକ ଉପାଧ୍ୟାୟଙ୍କ ସମେତ ୩୦ କଲେଜରୁ ଆସିଥିବା ୮୨ଜଣ ପ୍ରତିନିଧି ଉପସ୍ଥିତ ଥିଲେ।

## ବେଲିଆପାଳ ଚାମ୍ପିୟନ

**ଢେଙ୍କାନାଳ ଅଫିସ, ୮।୩**

କଙ୍କଡ଼ାହାଡ଼ ଗ୍ରାମରେ ଚାଲିଥିବା ୧୬ତମ ହରପାର୍ବତୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ନେଉଳପୋଇକୁ ହରାଇ ବେଲିଆପାଳ ଚାମ୍ପିୟନ ହୋଇଛି। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିବା ବେଲିଆପାଳ ୧୬ ଓଭରରେ ୫ ଉଇକେଟ ହରାଇ ୨୧୦ରନ କରିଥିଲା। ଜବାବରେ ନେଉଳପୋଇ ୧୬୫ ରନ କରିବାକୁ ସକ୍ଷମ ହୋଇଥିଲା। ଚାମ୍ପିୟନ ଦଳର ଗିରିଶ ନାୟକ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ହର୍ଷବର୍ଦ୍ଧନ ସିଂଦେଓ, ସମ୍ମାନିତ ଅତିଥି ସରପଞ୍ଚ ବିଜୟ ବେହେରା, ସମିତିସଭ୍ୟ ମହେଶ୍ୱର ବେହେରା, ସଭାପତି ଦେବରାଜ ବେହେରା, ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ପ୍ରମୋଦ ମହାନ୍ତି, ସରୋଜ ମହାରଣା ଅମ୍ପାୟର ରହିଥିବାବେଳେ ମାତୃପ୍ରସାଦ ବେହେରା ଧନ୍ୟବାଦ ଦେଇଥିଲେ।

# 'ନାରୀ ସ୍ୱୟଂସମ୍ପନ୍ନା ହେଲେ ହଟିବ ତାରତମ୍ୟ'



ବିଶ୍ୱ ମହିଳା ଦିବସରେ ମଞ୍ଚାସୀନ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୮।୩**

ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲ୍‌ରେ ରବିବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ, ଜିଲା ପ୍ରଶାସନ ଏବଂ ଇଶୋ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ମଳୟ ରଞ୍ଜନ ଦାଶ କହିଲେ, ଉଭୟ ମହିଳା ଏବଂ ପୁରୁଷମାନେ ସଚେତନ ହେବା ସହ ଆଚରଣରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ନାରୀ ସ୍ୱୟଂସମ୍ପନ୍ନା ହେଲେ ତାରତମ୍ୟ ହଟିବ। ସମ୍ମାନିତ ଅତିଥି ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) ପ୍ରତିମା ପଣ୍ଡା କହିଲେ, ନାରୀଙ୍କୁ ଜାଗ୍ରତ କରାଇବା ମହିଳା ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ସେ ମହିଳାଙ୍କ ଅଧିକାର ଏବଂ ସେମାନଙ୍କ ଉପରେ ହେଉଥିବା ବିଭିନ୍ନ ଅପରାଧ ରୋକିବା ଲାଗି ଥିବା ଆଇନଗତ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଲେ, ବାଲ୍ୟବିବାହ ଗୁରୁତର ଅପରାଧ। ଏହା ମାନସିକ ବ୍ୟାଧିରେ ପରିଣତ ହୋଇଛି। ମହିଳାଙ୍କୁ ସଶକ୍ତ କରାଇବାକୁ ସରକାର ବହୁ ଯୋଜନା ପ୍ରଣୟନ କରିଛନ୍ତି। ସମସ୍ତେ ନିଜ ସୀମାରେଖା ଭିତରେ ରହି କାମ କଲେ ନିଜକୁ ସୁରକ୍ଷିତ ରଖିପାରିବେ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ।

ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା, ୟୁନିସେଫ୍ ଅଧିକାରୀ ଅଙ୍ଗୁରବାଳା ମିଶ୍ର, ମିଶନ ଶକ୍ତି ସଂଯୋଜିକା ମୋନାଲିସା ଭଞ୍ଜ, ଆଇନଜୀବୀ ସୁବାସିନୀ ମହାକୁଡ, ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନା ମଞ୍ଚାସୀନ ଥିଲେ। ଏକ ସମୃଦ୍ଧ ସମାଜ ଗଠନରେ ନାରୀ ଓ ପୁରୁଷଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମହିଳା ସଶକ୍ତ ହେଲେ ସବୁକ୍ଷେତ୍ରରୁ ସାମାଜିକ କଳଙ୍କ ଦୂର ହେବ। ଢେଙ୍କାନାଳ ଜିଲାରେ କନ୍ୟାସନ୍ତାନ କମିବାରେ ଲାଗିଛି। ବାଲ୍ୟବିବାହ, ଶିଶୁ ଶ୍ରମିକ ଭଳି ସମସ୍ୟା ବେଶ୍ ଚିନ୍ତାଜନକ। ଏ ସଂକ୍ରାନ୍ତରେ ମାମଲା ରୁଜୁ ହେଉ ନ ଥିବାରୁ ଅତିଥିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ମହିଳା ଏବଂ ଏସ୍‌ଏଚ୍‌ଜିକୁ ପୁରସ୍କୃତ କରାଯାଇଥିଲା। ବିଶ୍ୱ କୁନ୍ତଳ ଶିଶୁଗୃହର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଇଶୋ ସମ୍ପାଦିକା ପୁଷ୍ପାଞ୍ଜଳି ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରପତି ସୁଶୀଲ କୁମାର ସାହୁ, ଗୀତାଞ୍ଜଳି ନନ୍ଦ, ଅଭିଜିତ ପୁରୋହିତ, ନିଶା ଅଗ୍ରୱାଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିପୂର୍ବରୁ ଏକ ସଚେତନତା ଶୋଭାଯାତ୍ରା ସହରସ୍ଥିତ ନଗର ପରିକ୍ରମା କରିଥିଲା। ଶୋଭାଯାତ୍ରାକୁ ଅତିରିକ୍ତ ଜିଲାଜଜ୍ ପ୍ରତିମା ପଣ୍ଡା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ବ୍ଲକସ୍ତରୀୟ ନିଯୁକ୍ତି
Odishaର ପ୍ରତ୍ୟେକ ଜିଲ୍ଲାରୁ 10th / +2 & above Qualification ଥିବା candidate ଆବଶ୍ୟକ।
ଦରମା - ୭୦୦୦/- ରୁ ୩୮୦୦୦/-
7894509327

Ordeal Management
Institute ର Branch ବିସ୍ତାର ପାଇଁ ମ୍ୟାନେଜର, ଅଫିସ୍ ପୋଷ୍ଟ ପାଇଁ 49- ଜଣ ପୁଅ/ଝିଅ ର ଆବଶ୍ୟକତା ଅଛି। ଯୋଗ୍ୟତା- 10th to Post Graduate,ଟ୍ରେନିଙ୍ଗ୍ + ହଷ୍ଟେଲ ଫ୍ରି।
ଆୟ- 8500/- ରୁ 10,000/-, ଟ୍ରେନିଙ୍ଗ୍ ପରେ ଆୟ- 25,000/- ରୁ 35,000/-
Mob : 7008360189
ଠିକଣା-ITI ଛକ, ବାଲେଶ୍ୱର

Wanted Sales Executives for Logistic Firm at Bhubaneswar.
email cv to :-
chandandash@rediffmail.com
Contact : 9238306766

WANTED
For officially Job
Qualification 10th above
Salary up to 25000/-
Mob.- 9938699963
8598992540

COLORCLASSIFIEDDISPLAY
on Every
Tuesday and Friday

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ବରିଷ୍ଠ ସହସମ୍ପାଦକ
- ପ୍ରାର୍ଥୀଙ୍କର ଡେସ୍କ କାର୍ଯ୍ୟରେ ଅନ୍ୟୂନ ୫ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ।
- ସାମ୍ବାଦିକତାରେ ଡିଗ୍ରୀ କରିଥିବା ଆବଶ୍ୟକ।
- ଖବରକୁ ବୁଝିବା, ଅନୁବାଦ, ସମ୍ପାଦନା ଏବଂ ଆକର୍ଷଣୀୟ ଶିରୋନାମା ଦେବାରେ ପ୍ରାର୍ଥୀଙ୍କର ବିଶେଷଜ୍ଞତା ରହିବା ଆବଶ୍ୟକ।
- ଖବରଗୁଡ଼ିକୁ ୱେବ୍‌ସାଇଟ୍ ଏବଂ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିବାରେ ଅଭିଜ୍ଞ ପ୍ରାର୍ଥୀମାନଙ୍କୁ ପ୍ରାଧାନ୍ୟ ଦିଆଯିବ।

ବରିଷ୍ଠ ଖବରଦାତା
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୫ ବର୍ଷର ଅଭିଜ୍ଞତା ରହିବା ଆବଶ୍ୟକ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବା ଆବଶ୍ୟକ।

ଆବେଦନ କରନ୍ତୁ:-
recruitment@dharitri.com
ଅଭିଜ୍ଞତା ଆଧାରରେ ପାରିଶ୍ରମିକ ଦିଆଯିବ।

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ସୋମବାର, ମାର୍ଚ୍ଚ ୯/୨୦୨୦ Dhenkanal, Monday , March 9 / 2020

## ସଂକ୍ଷେପରେ

### ଯୋଜନାର ସୁଫଳ ନେବାକୁ ପରାମର୍ଶ

**ଢେଙ୍କାନାଳ ଅଫିସ, ୮।୩:** ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲ୍ ପରିସରରେ ନିର୍ମାଣ ଶ୍ରମିକ ସେବା ସପ୍ତାହ-୨୦୨୦ର ଜିଲାସ୍ତରୀୟ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା ପ୍ରମୁଖ ଯୋଗଦେଇ ସରକାରୀ ଯୋଜନାର ସୁଫଳ ନେବାକୁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲା ଶ୍ରମ କମିଶନର ଜିତ୍‌ମୋହନ ହାଂସଦା, ଜିଲା ଶ୍ରମ ଅଧିକାରୀ ମାନଭଞ୍ଜନ ପ୍ରଧାନ, ଶ୍ରମ ନିରୀକ୍ଷକ ହଳଧର ବରାଳ, ରଶ୍ମିରଞ୍ଜନ ବରାଳ, ବୋର୍ଡ କର୍ମଚାରୀ ଭାରତ ଭୂଷଣ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ କରାଯାଇଥିଲା।

# ‘ମହିଳା ଆଗକୁ ବଢ଼ିଲେ ରାଜ୍ୟ ଆଗେଇବ’

**ପରଜଙ୍ଗ, ୮।୩(ଡି.ଏନ.ଏ.)**

ମହିଳାମାନେ ଘର କୋଣରେ ଆଉ ନିଜକୁ ନିବୁଜ କରି ରଖିବା ଅନୁଚିତ। ସେମାନେ ଆଗକୁ ପାଦ ବଢ଼ାଇ ବିକାଶର ମଙ୍ଗ ଧରିବା ଆବଶ୍ୟକ। ଏହା ଆଜିକାର ସମୟର ଆହ୍ୱାନ। ମହିଳାମାନେ ଆଗକୁ ବଢ଼ିଲେ ରାଜ୍ୟ ଆଗେଇବ ବୋଲି କହିଛନ୍ତି ପରଜଙ୍ଗ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ. ନୃସିଂହ ଚରଣ ସାହୁ। ବିଜୁବାବୁଙ୍କ ୧୦୪ତମ ଜୟନ୍ତୀ ଉପଲକ୍ଷେ ଆୟୋଜିତ ମହିଳା ସମାବେଶକୁ ସମ୍ବୋଧିତ କରି ସେ ଏହା କହିଥିଲେ।

ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନମଣ୍ଡଳୀର ମହିଳା ବିଜେଡି ପକ୍ଷରୁ ସ୍ଥାନୀୟ ପାଣି ପଞ୍ଚାୟତ ସଭାଗୃହରେ ରବିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ବିଜେଡି ସଭାପତି ସୁବ୍ରତ କୁମାର ଦାସ, ପରଜଙ୍ଗ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା, କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀ ମହନ୍ତ, ନାରୀନେତ୍ରୀ ସାଇଶ୍ରୀ ପଟ୍ଟନାୟକ, ଅଳକା ମହାପାତ୍ର, ଜିଲା ପରିଷଦ ସଭ୍ୟା ସୁକାନ୍ତି ପ୍ରଧାନଙ୍କ ସମେତ ବହୁ ବିଜେଡି କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ପ୍ରାରମ୍ଭରେ ବିଜୁ ପଟ୍ଟନାୟକଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ସଭା ଆରମ୍ଭ ହୋଇଥିଲା। ନାରୀ ସଶକ୍ତୀକରଣରେ ବିଜୁବାବୁଙ୍କ ଅବଦାନ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଦଳର ୧୨ଜଣ ସକ୍ରିୟ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରପଞ୍ଚ ପ୍ରିୟଜିତ ସାମଲ, ପ୍ରଦୀପ ବେହେରା, ଧରିତ୍ରୀ ମହାଳିକ, ସୁଜାତା ମହାଭୋଇ, ଉର୍ମିଳା ମହାପାତ୍ର, ସମିତି ସଭ୍ୟ ମୀନକେତନ ସାମଲ, ନଗେନ ସାହୁ, ରବିନାରାୟଣ ସାହୁଙ୍କ ସମେତ ଶତାଧିକ କର୍ମୀ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ୧୦୦୦ରୁ ଊର୍ଦ୍ଧ୍ୱ ମହିଳା ଏହି ସମାବେଶରେ ଯୋଗଦେଇଥିଲେ।



ଜଣେ ମହିଳାଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

## ଫଟୋରେ ଖବର



ଢେଙ୍କାନାଳ ଜିଲା ପରଜଙ୍ଗ ଗ୍ରାମରେ ସୋମବାର ଦୋଳପୂର୍ଣ୍ଣିମା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଗୋପାଳ ସାହିର ଯୁବତୀମାନେ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ବିମାନରେ ଧରି ଘର ଘର ବୁଲାଇ ସରଳବଣି ଖୁଆଉଛନ୍ତି। (ଫଟୋ: ନିଗମାନନ୍ଦ)

# ନାରୀ ସଶକ୍ତ ହେଲେ ପରିବର୍ତ୍ତନ ଆସିବ




ମହିଳା ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୮।୩**

ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜରେ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ବିଶିଷ୍ଟ ସାମାଜିକ କର୍ମୀ ଡ. ଶ୍ରୁତି ମହାପାତ୍ର, ରାଜ୍ୟ ଭାଜପା ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସାୟନ୍ତନୀ ବେଉରା, ସିନର୍ଜିର ପଦାର୍ଥ ବିଭାଗ ମୁଖ୍ୟ ଡ. ଜୟଶ୍ରୀ ସିଂ ଉପସ୍ଥିତ ଥିଲେ। ମହିଳା ସଶକ୍ତ ଏବଂ ସୁରକ୍ଷିତ ହେଲେ ସମାଜରେ ପରିବର୍ତ୍ତନ ଆସିବ। କଲେଜ ଅଧ୍ୟକ୍ଷା ଡ. ଇତିଶ୍ରୀ ମହାନ୍ତି ଏଥିରେ ସଭାପତିତ୍ୱ କରିଥିବା ବେଳେ ଆବାହିକା କଳ୍ପନା ସାହୁଙ୍କ ସମେତ କଲେଜର ବହୁ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ ସହଯୋଗ କରିଥିଲେ।

## କାଜୁ ଚାଷ ସମ୍ପର୍କିତ ଆଲୋଚନା

**ଢେଙ୍କାନାଳ ଅଫିସ, ୮।୩**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଖଟୁଆହତା କାଜୁ ନର୍ସରି ପରିସରରେ ଶନିବାର ଜିଲାସ୍ତରୀୟ କାଜୁ ଚାଷ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ କାଜୁଚାଷୀ ଯୋଗଦେଇଥିଲେ। କୃଷି ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧିକାରୀ ପ୍ରତାପ ଚନ୍ଦ୍ର ଦାସ, କାଜୁ ନିଗମର ବରିଷ୍ଠ ଅଧିକାରୀ ହେମନ୍ତ କୁମାର ରାଉତ, ଢେଙ୍କାନାଳ ମଣ୍ଡଳ ପରିଚାଳକ ଜି. ବେଶ୍ରା, ଭୁବନର ସହକାରୀ ଉଦ୍ୟାନ ଅଧିକାରୀ କିରଣମୟୀ ପ୍ରଧାନ, ଜଳଛାୟା ବିଭାଗର ଉତ୍ତମ କୁମାର ନାୟକ ପ୍ରମୁଖ ଯୋଗଦେଇ ଚାଷୀଙ୍କୁ ଉନ୍ନତ ପ୍ରଣାଳୀରେ କାଜୁଚାଷ ସମ୍ପର୍କିତ ବିଭିନ୍ନ ଜ୍ଞାନକୌଶଳ ବତାଇଥିଲେ।

# ଅଙ୍ଗନୱାଡି କର୍ମୀ ପୁରସ୍କୃତ

**ରାସୋଳ, ୮।୩(ଡି.ଏନ.ଏ.)**

ମହିଳା ଏବଂ ଶିଶୁ ବିକାଶ ଯୋଜନା ରୂପାୟନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଅଧୀନ ମାଧପୁର-୧ ଅଙ୍ଗନୱାଡି କେନ୍ଦ୍ରର ଉର୍ବଶୀ ବିଶ୍ୱାଳଙ୍କୁ ଜିଲାସ୍ତରରେ ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ ଭାବେ ପୁରସ୍କୃତ କରାଯାଇଛି। ମହିଳା ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜ ମଙ୍ଗଳ ବିଭାଗ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ଶ୍ରେଷ୍ଠ କିଶୋରୀ ବାଳିକା ସାଗରିକା ସାହୁଙ୍କୁ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଛି।



ଅଙ୍ଗନୱାଡି କର୍ମୀଙ୍କୁ ପୁରସ୍କୃତ କରାଯାଉଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ